

Odia Daily

www.theutkalsamachar.com

ଉତ୍କଳ ସମାଗମ

ଦୈନିକ ଚେତନାର ପ୍ରକାଶନ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:199+16 November 2026 (Monday)+Rourkela +Rs.2.00 +Page -1 +୨୨ ବର୍ଷ +ସଂଖ୍ୟା:୧୯୯+୧୬ ନଭେମ୍ବର ୨୦୨୬ (ସୋମବାର)+ ରାଉରକେଲା +ମୂଲ୍ୟ:୨.୨.୦୦+ ପୃଷ୍ଠା-୬

ମାଲକାନଗିରିରେ ବିକାଶ ପାଇଁ ୨୦୦ କୋଟିରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଉଦ୍‌ଘାଟନ



ମାଲକାନଗିରି,୧୫/୧୧(ନି/ପ): ଆଦିବାସୀ ବୀରପୁରୁଷଙ୍କ ଚ୍ୟାଗ, ବଦ୍ଧିବାନ ଓ ଗୌରବମୟ ଇତିହାସକୁ ସ୍ମରଣ କରି ମାଲକାନଗିରିର ଦିଏନ୍‌ରେ ପଡ଼ିଆଠାରେ ରବିବାର ମହାସମାରୋହରେ ପାଳିତ ହୋଇଛି ରାଜ୍ୟସ୍ତରୀୟ ଜନଜାତି ଗୌରବ ଦିବସ। ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଧରତୀ ଆବା ବିର୍ସା ମୁଣ୍ଡାଙ୍କ ୧୫୪ତମ ଜୟନ୍ତୀକୁ ପାଳନ କରିବା ସହ ତାଙ୍କର ବଳିଦାନ ସଂପର୍କରେ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଆଲୋକପାତ କରିଥିଲେ। ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଉଜା ଓ ଆବାସ ଯୋଜନାକୁ ନେଇ ମଧ୍ୟ ନିଜ ଅଭିଭାଷଣରେ ମତ ରଖିଥିଲେ। ମଧୁବାବୁ ପେନସନ ଯୋଜନାରେ ଆଉ ୫ ଲକ୍ଷ ହିତାଧିକାରୀଙ୍କୁ ଯୋଡ଼ାଯାଇଥିବାବେଳେ ସାରା ରାଜ୍ୟରେ ଏବେ ୪୧ ଲକ୍ଷରୁ ଅଧିକ ଲୋକ ଭଲା ପାଉଥିବା ସୂଚନା ମିଳିଛି। ପୂର୍ତ୍ତ ସରକାରଙ୍କ ଅମଳରେ ଭତା ବଣ୍ଟନରେ ପାତରଅନ୍ତର ଓ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ଅବ୍ୟବସ୍ଥା ହୋଇଥିବା ନେଇ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଅଦ୍ୟତନ ଜନଜାତି ଓ ଜାତି ଉତ୍ପନ୍ନ, ଫଂଖ୍ୟାଲଘୁ ଫ୍ରପ୍ରଦାୟ ଓ ପଛୁଆ ବର୍ଗ ଜଲଖାଣ ବିଭାଗ ଅଧୀନରେ ମୋଟ ୫୫ ଲୋଟି ଟଙ୍କାର ୨୮ଟି ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ। ଏଥିସହ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱୀଡି ପ୍ରକଳ୍ପ ପାଇଁ ମୋଟ ୮୫.୦୩ ଲୋଟି ଟଙ୍କା ଏବଂ ପୂର୍ତ୍ତ ବିଭାଗ ଅଧୀନରେ ୨ଟି ପ୍ରକଳ୍ପ ପାଇଁ ୨୦.୯୦ ଲୋଟି ଟଙ୍କା ବ୍ୟୟ ନେଇ ଶିଳାନ୍ୟାସ କରିଥିଲେ। ଜିଲ୍ଲାରେ ପ୍ରାଥମିକସ୍ତରରେ ୧୧ଟି ଗୋବାବରୀଶ ମିଶ୍ର ମୋଡେଲ ସ୍କୁଲ ନିର୍ମାଣ ନେଇ ମଧ୍ୟ ସେ କହିଥିଲେ। ସୀମାଗୁଡିରେ ଇସ୍ପିସ୍ଥିୟାଲ ପାର୍କ ନିର୍ମାଣ କରିବା ନେଇ ମଧ୍ୟ ସେ କହିଥିଲେ। ନିଜର ବାର୍ତ୍ତ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ମାଲକାନଗିରିକୁ ଏକ ସଂଗ୍ରାମୀ ଜିଲ୍ଲା ଭାବେ ଅଭିହିତ କରିବା ସହ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆବିବାସୀ ସଂସ୍କୃତିର ପ୍ରଶଂସା କରିଥିଲେ। ମାଲକାନଗିରି ଆଉ ପଛୁଆ ହୋଇ ରହିବ ନାହିଁ, ଏହାକୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବା ସରକାରଙ୍କ ପ୍ରାଥମିକତା ବୋଲି ସେ କହିଥିଲେ। ଆଗାମୀ ଦିନରେ ଜିଲ୍ଲାରେ ରେଳ ଚଳାଚଳ, ବିମାନ ସେବା ଏବଂ ଶିଳ୍ପ ପ୍ରତିଷ୍ଠା ମାଧ୍ୟମରେ ମାଲକାନଗିରିର ଚିତ୍ର ବଦଳିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାର ଜନଜାତିଙ୍କ ବିକାଶ ନେଇ ଦୁଇଟି ପୁସ୍ତକ 'ସମର୍ପଣ' ଓ 'ଜନଜାତି ଗୌରବ' ଉତ୍କୋଚିତ ହୋଇଥିଲା। ଭବିଷ୍ୟତରେ ପୁଣିଥରେ ମାଲକାନଗିରି ଗସ୍ତ କରି ଜିଲ୍ଲାର ବିକାଶ କାର୍ଯ୍ୟରେ ଯୋଗଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମ ଉଦ୍ଘାଟନ ଓ ଉଦଘାଟନର ସହ ସଂପକ୍ତାର ସହ ସମ୍ପନ୍ନ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀ, ଜନପ୍ରତିନିଧି ଓ ପ୍ରଶାସନକୁ କୃତଜ୍ଞତା ଜଣାଇଥିଲେ।

ଆଜି ଓଡ଼ିଶା ଆସୁଛନ୍ତି ଉପରାଷ୍ଟ୍ରପତି



ଭୁବନେଶ୍ୱର,୧୫/୧୧(ନି/ପ): ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କ ଓଡ଼ିଶା ଗସ୍ତ ପାଇଁ ଜଡ଼ାଜଡ଼ି ହୋଇଛି ସୁରକ୍ଷା ବ୍ୟବସ୍ଥା । ଭୁବନେଶ୍ୱର ଓ ଜଟକରେ ତାଙ୍କ କାର୍ଯ୍ୟକ୍ରମକୁ ନଜରରେ ରଖି ୪୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏଥିସହ ୧୪୨ ସେକ୍ସନ୍ ପୋଲିସ ମଧ୍ୟ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହିବେ । ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଉ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି ବ୍ରିଫିଂ ଓ ରିହର୍ସାଲ୍। ପୋଲିସ ଅଧିକାରୀ ଓ ସୁରକ୍ଷା କର୍ମଚାରୀଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯିବା ସହ ଦାୟିତ୍ୱ ବଣ୍ଟନ କରାଯାଇଛି । ସୁରକ୍ଷା ଦାୟିତ୍ୱରେ ୧୫୧ ଜଣ ଏସ୍‌ଆଇ/ଏଏସ୍‌ଆଇ, ୪୭ ଇନ୍ସପେକ୍ଟର, ୩୧ ଜଣ ଏସିପି/ଡିଏସ୍‌ପି, ୯ ଜଣ ଅତିରିକ୍ତ ଡିସିପି/ଏସ୍‌ପି ଏବଂ ୫ ଜଣ ଡିସିପି/ଏସ୍‌ପି ନିୟୋଜିତ ରହିବେ ।ସେହିପରି ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ, ଜାରକେଡ୍ ଓ ବିକଳ୍ପ ରୁଟ୍ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।ସାସନ୍ତାଳାଲି ସକାଳ ୯ଟା ୧୫ରେ ଭୁବନେଶ୍ୱରରେ ପହଞ୍ଚିବେ ଉପରାଷ୍ଟ୍ରପତି । ଏହି ଅବସରରେ ବିଧାନସଭାରେ ବିଧାୟକଙ୍କ ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ। ପରେ ଜଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଆଇକନିକ୍ ଟାୱାରର ଉଦ୍‌ଘାଟନ କରିବେ ।

ସୁରକ୍ଷା ପାଇଁ ୪୭ ପ୍ଲାଟୁନ୍ ଫୋର୍ସ ମୁତୟନ

ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏଥିସହ ୧୪୨ ସେକ୍ସନ୍ ପୋଲିସ ମଧ୍ୟ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହିବେ । ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଉ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି ବ୍ରିଫିଂ ଓ ରିହର୍ସାଲ୍। ପୋଲିସ ଅଧିକାରୀ ଓ ସୁରକ୍ଷା କର୍ମଚାରୀଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯିବା ସହ ଦାୟିତ୍ୱ ବଣ୍ଟନ କରାଯାଇଛି । ସୁରକ୍ଷା ଦାୟିତ୍ୱରେ ୧୫୧ ଜଣ ଏସ୍‌ଆଇ/ଏଏସ୍‌ଆଇ, ୪୭ ଇନ୍ସପେକ୍ଟର, ୩୧ ଜଣ ଏସିପି/ଡିଏସ୍‌ପି, ୯ ଜଣ ଅତିରିକ୍ତ ଡିସିପି/ଏସ୍‌ପି ଏବଂ ୫ ଜଣ ଡିସିପି/ଏସ୍‌ପି ନିୟୋଜିତ ରହିବେ ।ସେହିପରି ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ, ଜାରକେଡ୍ ଓ ବିକଳ୍ପ ରୁଟ୍ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।ସାସନ୍ତାଳାଲି ସକାଳ ୯ଟା ୧୫ରେ ଭୁବନେଶ୍ୱରରେ ପହଞ୍ଚିବେ ଉପରାଷ୍ଟ୍ରପତି । ଏହି ଅବସରରେ ବିଧାନସଭାରେ ବିଧାୟକଙ୍କ ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ। ପରେ ଜଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଆଇକନିକ୍ ଟାୱାରର ଉଦ୍‌ଘାଟନ କରିବେ ।

ନେତନ୍ୟାହୁଙ୍କ କଡ଼ା ଚେତାବନୀ :

"ଇରାନକୁ ସମୂଳେ ନିପାତ କରିବାର ସମୟ ଆସିଛି !"



ନୂଆଦିଲ୍ଲୀ, ୧୫।୧୧: ଇରାନକୁ ନେଇ ପୁଣିଥରେ ଜବ୍ଦା ବୟାନ ଦେଇଛନ୍ତି ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ । ସେ କହିଛନ୍ତି ଯେ, ବର୍ତ୍ତମାନ ଇରାନଠାରୁ ସୃଷ୍ଟି ହେଉଥିବା ବିପଦକୁ ସର୍ବଦା ପାଇଁ ସମାପ୍ତ କରିବାର ସମୟ ଆସିଯାଇଛି। ଶନିବାର ଦିନ ନୂତନ ସରକାର ଗଠନ ସମ୍ପର୍କରେ ଦେଇଥିବା ଏକ ଭାଷଣରେ ନେତନ୍ୟାହୁ ଏହିକଥା କହିଛନ୍ତି । ତାଙ୍କର ଅଭିଯୋଗ ରହିଛି ଯେ ଇରାନ ପୁଣିଥରେ ଏହାର ପରମାଣୁ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚେଷ୍ଟା କରୁଛି ଏବଂ ଏହା ଇସ୍ରାଏଲ ପାଇଁ ଏକ ବଡ଼ ବିପଦ । ନେତନ୍ୟାହୁ କହିଛନ୍ତି ଯେ, ଇରାନ ସରକାର ଇସ୍ରାଏଲକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବାକୁ ଚାହୁଁଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ଏହି ସରକାର ନିଜ ଦେଶର ହଜାର ହଜାର ନିରୀହ ଲୋକଙ୍କୁ ହତ୍ୟା କରିସାରିଛି । ଏଭଳି ପରିସ୍ଥିତିରେ ଇରାନ ଇସ୍ରାଏଲ୍ ବିରୁଦ୍ଧରେ ପରମାଣୁ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାକୁ ମଧ୍ୟ ପଛଘୁଞ୍ଚା ଦେବନାହିଁ । ସେ ତେତାବନୀ ଦେଇଛନ୍ତି ଯେ ଇରାନ ଯେମିତି ହିଁ ଆଣବିକମାର ପୁନଃ ସଂଧର୍ନ ଆରମ୍ଭ କରିବ ଏବଂ ପରମାଣୁ ଅସ୍ତ୍ର ନିର୍ମାଣ କାର୍ଯ୍ୟ ଜୋରଦାର କରିବ, ଇସ୍ରାଏଲ୍ ପାଇଁ ବିପଦ ଆହୁରି ବଢ଼ିଯିବ । ତେଣୁ ଏହି ବିପଦର ମୂଳୋତ୍ପାଟନ କରିବା ଅତ୍ୟନ୍ତ ଜରୁରୀ। ନେତନ୍ୟାହୁ ଜଣାଇଛନ୍ତି ଯେ, ଗତ ଗୁରୁବାର ଦିନ ସେ ବିରୋଧୀ ଦଳର ନେତା ଗାଡି ଆଇଜନଗୋଏଙ୍କୁ ଭେଟିଥିଲେ । ଏହି ବୈଠକ ପରେ ତାଙ୍କର ମତ ହେଉଛି ଯେ ବର୍ତ୍ତମାନର ପରିସ୍ଥିତିରେ ଇସ୍ରାଏଲରେ ସମସ୍ତ ପ୍ରମୁଖ ଦଳଗୁଡ଼ିକୁ ମିଶାଇ ଏକ 'ଜାତୀୟ ଏକତା ସରକାର' ଗଠନ କରାଯିବା ଉଚିତ୍ । ଗତ ମାସରେ ଅନୁଷ୍ଠିତ ନିର୍ବାଚନରେ ନେତନ୍ୟାହୁଙ୍କ ଲିକୁଡ୍ ପାର୍ଟି ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ସଂସଦର ୧୨୦ଟି ଆସନ ମଧ୍ୟରୁ ମାତ୍ର ୫୩ଟି ଆସନ ହାସଲ କରିଥିଲେ ।

ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଆର୍ଥିକ ଲକ୍ଷ୍ୟ ସହ ଏକ ରଣନୈତିକ ଆବଶ୍ୟକତା : ରାଜନାଥ ସିଂହ



ନୂଆଦିଲ୍ଲୀ,୧୫/୧୧: ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା କେବଳ ଏକ ଆର୍ଥିକ ଲକ୍ଷ୍ୟ ନୁହେଁ, ବରଂ ଏକ ରଣନୈତିକ ଆବଶ୍ୟକତା ମଧ୍ୟ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅର୍ଣ୍ଣ-ବିଜ୍ଞାଶାଳୀ ମୂଲ୍ୟାଙ୍କନ ଏବଂ ସମର୍ଥନ ପ୍ରଯୁକ୍ତିବିଦ୍ୟା ଉପରେ ଅନୁଷ୍ଠିତ୩୬ତମ ବାର୍ଷିକ ସମ୍ମିଳନୀ ଏବଂ ଅନ୍ତରୀକ୍ଷ ଉପରେ ଆନ୍ତର୍ଜାତୀୟ ଆଲୋଚନାଚକ୍ରକୁ ଭର୍ଚ୍ଚୁଆଲ୍ ଭାବରେ ସମ୍ବୋଧିତ କରି କହିଛନ୍ତି। ସେ ଉନ୍ନତ ନିରୀକ୍ଷଣ ପ୍ରଯୁକ୍ତିବିଦ୍ୟାରେ ସ୍ୱଦେଶୀ କ୍ଷମତା ବିକାଶ, ସ୍ଥିର ଗୁଣବତ୍ତା ନିର୍ଦ୍ଧିତତା ଅତ୍ୟାସନ୍ନ ପ୍ରୋତ୍ସାହିତ କରିବା ଏବଂ ପରୀକ୍ଷା ଫଳାଫଳର ସଠିକତା, ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭାରତ କ୍ଷେପଣାସ୍ତ୍ର ବିକାଶ, ନୌସେନା ପ୍ଲାଟଫର୍ମ, ଏରୋସ୍ପେସ୍ ଇଞ୍ଜିନିୟରିଙ୍ଗ, ରାଡାର ସିଷ୍ଟମ ଏବଂ ମହାକାଶ ପ୍ରୟୋଗରେ ଉଲ୍ଲେଖନୀୟ ଅଗ୍ରଗତି କରିଛି । ଏହି ସଫଳତା ଦେଶର ବୈଜ୍ଞାନିକ, ଇଞ୍ଜିନିୟର, ଉତ୍ପାଦନ ଫ୍ରମ୍ପ ଏବଂ ଶିଳ୍ପର ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟା କ୍ଷମତାକୁ ପ୍ରତିଫଳିତ କରିଥାଏ । ଆଧୁନିକ ଏବଂ ଜଟିଳ ପ୍ରଣାଳୀ ଭାରତର ପ୍ରତିରକ୍ଷା ପ୍ରଣାଳୀରେ ଅନ୍ତର୍ଭୁକ୍ତ ହେବା ସହିତ, ସେମାନଙ୍କର ଗୁଣବତ୍ତା ଏବଂ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବା ଏବଂ ପରୀକ୍ଷା ଫଳାଫଳର ସଠିକତା, ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ, ଉପାଦାନ, ସମାବେଶ ଏବଂ ଉତ୍ପାଦନ ପ୍ରକ୍ରିୟା ଗୁଣବତ୍ତାର ସର୍ବୋଚ୍ଚ ମାନଦଣ୍ଡ ପୂରଣ କରିବା ଉଚିତ୍। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଭୌଗଳିକ ବେଶର ପ୍ରଗତି କେବଳ ଏହା ଦ୍ୱାରା ବିକଶିତ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଗୁଡ଼ିଁ, ବରଂ ସେହି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଉତ୍ପାଦିତ ପ୍ରଣାଳୀର ଗୁଣବତ୍ତା, ନିର୍ଭରଯୋଗ୍ୟତା ଏବଂ ସୁରକ୍ଷା ଦ୍ୱାରା ମଧ୍ୟ ନିର୍ଦ୍ଧୟ କରାଯାଇଥାଏ । ପ୍ରତିରକ୍ଷା ଭଳି ରଣନୈତିକ କ୍ଷେତ୍ରରେ ଏହାର ଗୁରୁତ୍ୱ ବହୁ ଅଧିକ ରହିଥାଏ। ଭୌଗସି ତ୍ରୁଟି ଗୁମାର ପରିଣାମ ଆଶିଥାଏ। ସେ ସ୍ପଷ୍ଟ କରିଛନ୍ତି ଯେ, ଗୁଣବତ୍ତା କେବଳ ଉତ୍ପାଦନ ପ୍ରକ୍ରିୟାର ଏକ ଆନୁଷ୍ଠାନିକ ଆବଶ୍ୟକତା ନୁହେଁ, ବରଂ ସାମରିକ କାର୍ଯ୍ୟ ଏବଂ ଜାତୀୟ ସୁରକ୍ଷାର ବିଶ୍ୱସନୀୟତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ।ସେ କହିଛନ୍ତି, ଏହି ପରିପ୍ରେକ୍ଷୀରେ, ବିଜ୍ଞାନୀମାନେ ପରୀକ୍ଷଣ ଏବଂ ମୂଲ୍ୟାଙ୍କନ ଭୌଗଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଭୌଗଳକୁଡ଼ିକ ଏକ ସାମଗ୍ରୀ, ଉପାଦାନ କିମ୍ବା ଗଠନକୁ କ୍ଷତି ନକରି ତାହାର ଶକ୍ତି ଏବଂ ଆଭ୍ୟନ୍ତରୀଣ ଅବସ୍ଥାକୁ ପରୀକ୍ଷା କରିବାକୁ ସୁଯୋଗ ଦେଇଥାଏ।

ମସ୍କୋ ଏବଂ ୟୁରୋପ ମଧ୍ୟରେ ସିଧାସଳଖ ଆଲୋଚନାରେ ଆମେରିକା ସାମିଲ



ୱାଶିଂଟନ,୧୫/୧୧: ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ବିବାଦର ଅନ୍ତ ପାଇଁ ଆମେରିକାର ତତ୍ପରତାର ପ୍ରୟାସ ଜୋରଦାର ହୋଇଛି । ଆମେରିକାର ସ୍ୱତନ୍ତ୍ର ଦୂତ ଜାରେଡ କୁଶନର କହିଛନ୍ତି ଯେ, ୱାଶିଂଟନ ବର୍ତ୍ତମାନ ମସ୍କୋ ଏବଂ ୟୁରୋପ ମଧ୍ୟରେ ସିଧାସଳଖ ଆଲୋଚନାକୁ ସହଜ କରିବା ଏବଂ ପରବର୍ତ୍ତୀ ପର୍ଯ୍ୟାୟ ତ୍ରିପାକ୍ଷିକ ଆଲୋଚନା ପାଇଁ ଏକ ଏଜେଣ୍ଡା ବିକଶିତ କରିବା ଉପରେ ଦୃଷ୍ଟି ଦେଉଛି । କୁଶନର କହିଛନ୍ତି ଯେ, ଆଲୋଚନା ସମୟରେ ଅନେକ ନୂତନ ପ୍ରସଙ୍ଗ ସାମ୍ନାକୁ ଆସିଛି । ସେଗୁଡ଼ିକ ଉପରେ ବିଚାର କରାଯାଇଛି । ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରୁ କିଛି ଗୁରୁତ୍ୱପୂର୍ଣ୍ଣ ସଫଳତା ପ୍ରଦାନ କରିବାର ଆଶା ରହିଛି । ଯେତେବେଳେ ଅନ୍ୟଗୁଡ଼ିକ ପକ୍ଷମାନଙ୍କ ମଧ୍ୟରେ ମତଭେଦ ରହିଛି । ଜେଲେନସ୍କିଙ୍କ ସହ ପୃଥକ ପୃଥକ ଆଲୋଚନା ପରଠାରୁ ରୁଷ, ୟୁକ୍ରେନ ଏବଂ ସେମାନଙ୍କର ୟୁରୋପୀୟ ଅଂଶୀଦାରମାନଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି । ଆମର ଥାନ ଏବେ ମସ୍କୋ ଏବଂ ୟୁରୋପୀୟ ଅଂଶୀଦାରମାନଙ୍କ ମଧ୍ୟରେ ସିଧାସଳଖ ଆଲୋଚନାକୁ ସହଜ କରିବା ଏବଂ ପରବର୍ତ୍ତୀ ପର୍ଯ୍ୟାୟ ତ୍ରିପାକ୍ଷିକ ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଛି ।କୁଶନର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି, ସେ ଏବଂ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କଫ ପ୍ରଥମ ପର୍ଯ୍ୟାୟ ତ୍ରିପାକ୍ଷିକ ବୈଠକ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ସମାଧାନ କରିବାରେ ସାହାଯ୍ୟ କରିବ । ସେ ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଏବଂ ଯୁଦ୍ଧ ପରବର୍ତ୍ତୀ ଏକ ବ୍ୟାପକ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରି କହିଛନ୍ତି, ଯେଉଁଗୋସି ସ୍ଥାୟୀ ଶାନ୍ତି ବୁଝି ନିର୍ଦ୍ଧିତ କରିବା ଉଚିତ୍ ଯେ, ଭବିଷ୍ୟତରେ ଯୁଦ୍ଧର ଆଶଙ୍କା ହ୍ରାସ ପାଇବ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି, ସ୍ଥାୟୀ ଶାନ୍ତି ପାଇଁ, ୟୁକ୍ରେନକୁ ବିଶ୍ୱସନୀୟ ସୁରକ୍ଷା ଗ୍ୟାରେଣ୍ଟି ଏବଂ ଯୁଦ୍ଧ ପରବର୍ତ୍ତୀ ସୁରକ୍ଷା ବ୍ୟବସ୍ଥା ଆବଶ୍ୟକ ଯାହା ଆଉ ଏକ ଯୁଦ୍ଧର ଆଶଙ୍କାକୁ ହ୍ରାସ କରିବ । ଆମେରିକାର ସ୍ୱତନ୍ତ୍ର ଦୂତ ଆଲୋଚନାରେ ୟୁରୋପୀୟ ଅଂଶୀଦାରଙ୍କ ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରି କହିଛନ୍ତି, ନାଟୋ ୟୁରୋପୀୟ ସୁରକ୍ଷାର ଏକ ପ୍ରମୁଖ ସ୍ତମ୍ଭ ଭାବରେ ରହିଛି ।

ହର୍ମୁଜ୍‌ରେ ସମୁଦ୍ର ମାଇନ୍ସ ବିସ୍ଫୋରଣରେ ୩ ଟ୍ୟାଙ୍କରରେ ଲାଗିଲା ନିଆଁ



ତେହେରାନ,୧୫/୧୧: ଇରାନର ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡ କର୍ପସ (ଆଇଆରଜିସି)ଦାବି କରିଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ଏବଂ ଏହାର ଆଖପାଖରେ ତିନୋଟି ତେଲ ଟ୍ୟାଙ୍କର ସମୁଦ୍ର ମାଇନ୍ସ ଧକ୍କା ହେବା ଯୋଗୁଁ ବଡ଼ ଧରଣର ବିସ୍ଫୋରଣ ପଟିଛି । ଏହା ଦ୍ୱାରା ତେଲ ଟ୍ୟାଙ୍କରଗୁଡ଼ିକରେ ନିଆଁ ଲାଗିଯାଇଥିଲା । ଇରାନୀ ସେନା ଜାହାଜଗୁଡ଼ିକୁ ନିଷିଦ୍ଧ ସାମୁଦ୍ରିକ ଅଞ୍ଚଳରେ ପ୍ରବେଶ କରିବାକୁ ଚେତାବନୀ ଦେଇଥିଲା । ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏହି ଘଟଣା ପଟିଛି । ଇରାନର ସରକାରୀ ଗଣମାଧ୍ୟମ, ଇସ୍ଲାମିକ୍ ରିପବ୍ଲିକ୍ ଅଫ୍ ଇରାନ୍ ବ୍ରଡକାଷ୍ଟିଙ୍ଗ ଅନୁଯାୟୀ, ଆଇଆରଜିସିର ନୌସେନା ଏକ ବିବୃତ୍ତିରେ କହିଛି ଯେ, ବୁଧବି ତେଲ ଟ୍ୟାଙ୍କର ଅନୁମତି ବିନା ହର୍ମୁଜ୍ ପ୍ରଣାଳୀ ପାର କରିବାକୁ ଚେଷ୍ଟା କରୁଥିଲେ । ସେମାନେ ନାଭିଗେସନ୍ ଏବଂ ସ୍ପଂଚାଳିତ ଚିହ୍ନଟ ପ୍ରଣାଳୀକୁ ବନ୍ଦ କରି ଗୁପ୍ତ ଭାବରେ ରଣନୈତିକ ଗୁରୁତ୍ୱପୂର୍ଣ୍ଣ ଜଳପଥରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ । ମାତ୍ର ସମୁଦ୍ର ମାଇନ୍ସରେ ଧକ୍କା ହେବା ଯୋଗୁ ବିସ୍ଫୋରଣ ହୋଇଥିଲା ଏବଂ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା । ଇରାନ ନୌସେନା ଏହା ମଧ୍ୟ ଦାବି କରିଛି ଯେ ଆଇଆରଜିସିର ନୌସେନା ଟ୍ରାଫିକ୍ ନିୟନ୍ତ୍ରଣ କେନ୍ଦ୍ରରୁ ଚେତାବନୀ ଦିଆଯିବା ପରେ ମଧ୍ୟ ଟ୍ୟାଙ୍କରଗୁଡ଼ିକ ଏହାକୁ ଅଣଦେଖା କରି ପ୍ରଣାଳୀ ଦେଇ ଯିବାକୁ ଚେଷ୍ଟା କରୁଥିଲେ । ତେବେ ଚେତାବନୀ ପରେ ଅନ୍ୟ ଦୁଇଟି ଟ୍ୟାଙ୍କର ପଛକୁ ଫେରିଯାଇଥିଲେ । ସେହିପରି ତୃତୀୟ ଟ୍ୟାଙ୍କରଟି ମଧ୍ୟ ସମୁଦ୍ର ମାଇନ୍ସ ସହିତ



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122



ଦେଶର ଶ୍ରେଷ୍ଠ ୪ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମଧ୍ୟରେ କେନ୍ଦୁଝର ଜିଲ୍ଲାର ରାଜିସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାନ ପାଇ ଜିଲ୍ଲା ପାଇଁ ଆଣିଛି ଗର୍ବାନ୍ୱିତ ଗୌରବ ମୁହୂର୍ତ୍ତ । ଏହି ଉଲ୍ଲେଖନୀୟ ସଫଳତା ପାଇଁ ମାନନୀୟା ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ସମ୍ମାନ ଦେବାକୁ ବିଦ୍ୟାଳୟର ଶିକ୍ଷାଗତ ଉତ୍କର୍ଷତାର ପ୍ରମାଣ ମୁତାବକ, ତଦ୍ଦ ଜନଜାତି ସମୁଦାୟର ଶିକ୍ଷା, ସଶକ୍ତିକରଣ ଓ ସର୍ବାଙ୍ଗୀନ ବିକାଶ ଦିଗରେ କେନ୍ଦୁଝର ଜିଲ୍ଲା ପ୍ରଶାସନର ନିରନ୍ତର ପ୍ରୟାସ ଓ ପ୍ରତିବଦ୍ଧତାର ପ୍ରତିଫଳନ ।

ଜମୁଝି ୬୩ ବର୍ଷର ବାଲିଯୋଖରା କାଳୀପୂଜା

ଭଦ୍ରକ,୧୫/୧୧(ନି/ପ୍ର): ଭଦ୍ରକ ଜିଲା ବନ୍ଦ ବ୍ଲକ ଚାରିଗାଁ ପଚାୟତ ବାଲିଯୋଖରା ଠାରେ ସାର୍ବଜନୀନ କାଳୀପୂଜା ଧୂମଧାମ୍‌ରେ ଚାଲିଛି । ଏହି ପୂଜା ୬୩ ବର୍ଷରେ ପଦାର୍ପଣ କରିଥିବା ବେଳେ ଅନ୍ତରାର ମୂର୍ତ୍ତିକାରିଗର ବାମାଚରଣ ବେହେରାଙ୍କ ଦ୍ୱାରା ଠାକୁରଙ୍କ ମୂର୍ତ୍ତିର ପାର୍ଶ୍ୱମୂର୍ତ୍ତି ମାନ ନିର୍ମାଣ କରାଯାଇଛି । ବିଜୟା ବିହାରୀ ଦାସ ଜଳସ ଆଣିଥିବା ବେଳେ ପଣ୍ଡିତ ଗଙ୍ଗାଧର ଶତପଥୀ ପୂଜାର୍ଚ୍ଚନା କରୁଛନ୍ତି । ୭ ଦିନ ବ୍ୟାପି ଏହି ପୂଜା ପାଳନ କରାଯିବ । ବାଲିଯୋଖରା ହାଟ କମିଟିର ସଭାପତି ବନମାଳୀ ନାୟକ, ଉପ-ସଭାପତି ବିନୋଦ ଦାସ, ସମ୍ପାଦକ ସୀତାକାନ୍ତ ଜେନା,ଗୌତମ ନାୟକ, ସମାଜସେବୀ ସୁଦର୍ଶନ ଜେନା, କୃଷ୍ଣ ଚନ୍ଦ୍ର ନାୟକ, ପ୍ରଶାନ୍ତ ରାଉତ, ଗଜେନ୍ଦ୍ର ଜେନା, ବାବାଜୀ ସାହୁ, ବିଜୟ ପଣ୍ଡା, ପଦୁନାଭ ଜେନା ପ୍ରମୁଖ କାର୍ଯ୍ୟାନୁଷ୍ଠାନକୁ ପରିଚାଳନା କରୁଛନ୍ତି । ଏହି ମେଳା ପାଇଁ ଏଠାକାର ବଜାର ଅଞ୍ଚଳକୁ ଆକର୍ଷଣୀୟ ତୋରଣ ଓ ଆଲୋକମାଳାରେ ସଜ୍ଜିତ କରାଯାଇଛି ।

ବିନା ସୂଚନା ଫଳକରେ ଚାଲିଛି ରାସ୍ତା କାମ : ନିରବଦ୍ରଷ୍ଟା ପ୍ରଶାସନ

ଚମ୍ପୁଆ,୧୫/୧୧(ନି/ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ବ୍ଲକ ଭତ୍ରାସାହି ଗ୍ରାମ ପଂଚାୟତ ଅନ୍ତର୍ଗତ ଲୁଷୁଗାଁ ପ୍ରାଥମିକ ବିଦ୍ୟାଳୟ ଠାରୁ ସାଜିମା ସାହି ଏବଂ ସାଜିମା ସାହିରୁ ପି' ସାହି ପର୍ଯ୍ୟନ୍ତ ଚାଲିଥିବା ପକା ରାସ୍ତା ନିର୍ମାଣ କାର୍ଯ୍ୟରେ ପ୍ରବଳ ତ୍ରୁଟି ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । କାମ ଶେଷ ପର୍ଯ୍ୟାୟରେ ପହଂଚିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପ୍ରକାର ସୂଚନା ଫଳକ ଲଗାଯାଇ ନାହିଁ । ଯେଉଁ ବିଭାଗର ଏହା କାମ, ସେତେଟଙ୍କାର ଅଟକଳ ମୂଲ୍ୟ ଏବଂ କିଏ ଏହି ଠିକାଦାର, ସେ ସମ୍ପର୍କରେ ଗ୍ରାମପଂଚାୟତ ଜିୟା ସ୍ଥାନୀୟ ଲୋକେ କିଛି ମଧ୍ୟ ଜାଣିପାରୁନାହାନ୍ତି । ବଡ଼ କଥା ହେଉଛି, ଏହି ରାସ୍ତା ଓ ଗହୁଆଳ ନିର୍ମାଣରେ କୌଣସି ପ୍ରକାର ଲୁହା ରଡ୍ (ସରିଆ) ବ୍ୟବହାର କରାଯାଇ ନଥିବା ଦେଖିବାକୁ ମିଳିଛି । ବିନା ରଡ୍‌ରେ ଏଭଳି ନିର୍ମାଣର କାମ କରାଯଇଲେ ରାସ୍ତାଟି କିଛି ଦିନ ମଧ୍ୟରେ ଭାଙ୍ଗିଯିବ ଏବଂ ସରକାରୀ ଟଙ୍କା ପାଣିରେ ପଡିବ ବୋଲି ସାଧାରଣରେ ଆଲୋଚନା ହେଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ସମ୍ପର୍ଣ୍ଣ ପ୍ରସଙ୍ଗରେ ଯେତେବେଳେ ଭତ୍ରାସାହି ଗ୍ରାମ ପଂଚାୟତର ପଂଚାୟତ ନିର୍ବାହୀ ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ, ସେମାନେ ଆଶ୍ଚର୍ଯ୍ୟଜନକ ଭାବେ ରାସ୍ତା ନିର୍ମାଣ ବାବଦରେ କୌଣସି ସୂଚନା ନଥିବା ସ୍ୱୀକାର କରିଛନ୍ତି । ଅଧିକାରୀ ନିଜେ ଅଜ୍ଞତା ପ୍ରକାଶ କରିବା ପଟଣା ଏହି ନିର୍ମାଣ ପଛର ମାୟା ଜାଲକୁ ଆହୁରି ସ୍ପଷ୍ଟ କରିଛି । ସରକାରୀ ନିୟମ ଅନୁଯାୟୀ ଯେକୌଣସି ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ରହିବା ବାଧତାମୂଳକ ଥିଲେ ମଧ୍ୟ ଏଠାରେ ସେହି ନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।

ତହସିଲଦାରଙ୍କ ଚଢ଼ାଉ, ୫ ବାଲି ବୋଝେଇ ଟ୍ରାକ୍ଟର ଜବତ



ଚମ୍ପୁଆ,୧୫/୧୧(ନି/ପ୍ର): ଚମ୍ପୁଆ ତହସିଲ୍ ଅନ୍ତର୍ଗତ ରିମୁଳି ଅରଡେର ନଦୀ ବାଲି ଘାଟରୁ ବେଧଡ଼କ ବାଲି ଚୋରାଚାଲାଣ ହେଉଥିବା ନେଇ ପୂର୍ବରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲା । ଏହାକୁ ଗୁରୁତର ସହ ନେଇ ଆଜି ଚମ୍ପୁଆ ତହସିଲଦାର ଉକ୍ତ ବାଲି ଘାଟ ଉପରେ ଚଢ଼ାଉ କରିଥିଲେ । ଏହି ଚଢ଼ାଉ ସମୟରେ ବିନା କୌଣସି ଜାଘଜପତ୍ର ଓ ଟ୍ରାନଜିଟ୍ ପାସରେ ବାଲି ଚାଲାଣ କରୁଥିବା ୫ଟି ଟ୍ରାକ୍ଟରକୁ ଜବତ କରାଯାଇଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ୧୫ ତାରିଖ ପରେ ବିଭିନ୍ନ ବାଲିଘାଟ ଗୁଡ଼ିକରୁ ଜବତଶୀ ହଡିବା ପରେ ନଦୀରୁ ବାଲି ଉଠାଣ ଓ ପରିବହନ ଆରମ୍ଭ ହୋଇଛି । କିନ୍ତୁ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ଅନୁମୋଦିତ ଘାଟ ବ୍ୟତୀତ ବିଭିନ୍ନ ବେଆଇନ ସ୍ଥାନରୁ ବାଲି ଉତ୍ତୋଳନ କରାଯାଉଥିବା ଜଣାପଡ଼ିଛି । ଜୌଣସି ପ୍ରକାର ବୈଧ ଟ୍ରାନଜିଟ୍ ପାସ୍ ଜିୟା ଜାଘଜପତ୍ର ନ ଥାଇ ବାଲି ଚାଲାଣ ହେଉଥିବାରୁ ପ୍ରତିଦିନ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି । ବେଆଇନ ବାଲି ଚାଲାଣ ନେଇ ଅଭିଯୋଗ ପାଇବା ପରେ ତହସିଲଦାର ତତ୍ପରତା ପ୍ରକାଶ କରି ଘଟଣାସ୍ଥଳରେ ପହଂଚିଥିଲେ । ତଡ଼ାଉ ବେଳେ ବେଆଇନ ବାଲି ବୋଝେଇ ହୋଇଯାଉଥିବା ୫ଟି ଟ୍ରାକ୍ଟରକୁ ଜବତ କରାଯାଇ ଜବତ କରାଯାଇଛି । ପ୍ରଶାସନର ଏଭଳି କାର୍ଯ୍ୟାନୁଷ୍ଠାନ ପରେ ବାଲି ମାଫିଆ ମାନଙ୍କ ମଧ୍ୟରେ ହୋଇଥିବା ଭୟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ତେବେ ଆଗାମୀ ଦିନରେ ଏଭଳି ତଡ଼ାଉ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

ଭାରସାମ୍ୟ ହରାଇ ଓଲଟିଲା ଧାନକଟା ହାର୍ଭେଷ୍ଟର, ଅଳ୍ପକେ ବର୍ତିଲେ ଚାଳକ

ଘଟଗାଁ,୧୫/୧୧(ନି/ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଧନୁର୍ଜୟପୁର ଗ୍ରାମରେ ଏକ ଧାନକଟା ହାର୍ଭେଷ୍ଟର ମେସିନ୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼ରେ ଓଲଟି ପଡ଼ିଛି । ତେବେ ଏହି ଘଟଣାରେ ଚାଳକ ଅଳ୍ପକେ ରକ୍ଷା ପାଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ହାର୍ଭେଷ୍ଟର ମେସିନ୍‌ଟି ଚାଷଜମିକୁ ଧାନ ଜାତିବା ପାଇଁ ଯାଉଥିବା ସମୟରେ ସାମ୍ନା ପଟୁ ଏକ ଟ୍ରାକ୍ଟର ଆସୁଥିଲା । ଏହି ସମୟରେ ଉଭୟ ଯାନ ମଧ୍ୟରେ ରାସ୍ତାରେ ସମସ୍ୟା ଉପୁଜିବାରୁ ହାର୍ଭେଷ୍ଟର ଚାଳକ ନିୟନ୍ତ୍ରଣ ହରାଇଥିବା ଜଣାପଡ଼ିଛି । ଫଳରେ ମେସିନ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା । ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ ଚାଳକଙ୍କ ସମେତ ଅନ୍ୟ କାହାର କୌଣସି ଗୁରୁତର କ୍ଷତି ହୋଇନାହିଁ । ତେବେ ମେସିନ୍‌ରୁ ବିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଟ୍ରାକ୍ଟର ଚାଳକଙ୍କ ଅସାବଧାନତା ଏହି ଦୁର୍ଘଟଣାର କାରଣ ବୋଲି ଅଭିଯୋଗ ହୋଇଥିଲେ ମଧ୍ୟ ଏହାର ପ୍ରକୃତ କାରଣ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ ।

ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜଳଙ୍ଗା ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୧୫/୧୧(ନି/ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, ଜଟଭଙ୍କ ପ୍ରଦର ବାର୍ଷିକ ଜ୍ୟାଲେଣ୍ଡର ଅନୁଯାୟୀ ପୋକ୍ସୋ ଆଇନ୍, ଶିଶୁର ନ୍ୟାୟ ଆଇନ୍ ତଥା ଯୌନ ଉତ୍ପୀଡ଼ନ ଏବଂ ନିର୍ଯାତନାରୁ ସୁରକ୍ଷା ନିମିତ ଜଳଙ୍ଗା ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଲୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଭଦ୍ରକ ସୁରକ୍ଷାଶିଷ ମିଶ୍ର, ଜିଲାଲ ସୁରକ୍ଷା ଅଧିକାରୀ (ଶିଶୁ ସମ୍ ବିଭାଗ), ଭଦ୍ରକ, ଶିଶୁ ସୁରକ୍ଷା ଜାଇନସେଲର ଜମାଲାକ୍ତ ଜେନା, ପ୍ୟାନେଲ୍ ଓକିଲ ଚାପସ କୁମାର ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ବିଶ୍ୱାଳ, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଗଣ ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିଗଣ କହିଥିଲେ, ଏହି ଜମ୍ ବୟସରେ ଛାତ୍ରଛାତ୍ରୀମାନଙ୍କ ମାନସିକତାରେ ପରିପକ୍ୱତା ଆସି ନଥାଏ । ତେଣୁ ସମାଜରେ ମୁଖ୍ୟ ଭୂମିକା ଏବଂ ବାୟିତ୍ୱ ସମ୍ପାଦନ କରିବାକୁ ହେଲେ ପ୍ରଥମେ ନିଜକୁ ଏକ ଉତମ ମଣିଷ ଭାବେ ଗଢ଼ି ତୋଳିବାକୁ ହେବ । ନିଜ ହକ୍ ପାଇଁ ଲଢ଼େଇ କରିବା ସହ ନିଜ ଜାଖରେ ଯବି ବିଛି ଅନ୍ୟାୟ କିମ୍ବା ଅପରାଧ ଘଟୁଛି, ତେବେ ସ୍ୱର ଉତ୍ତୋଳନ କରି ପ୍ରତିବାଦ କରିବାକୁ ହେବ । ସାନ ପିଲାମାନେ ମୋବାଇଲ୍ ର ଜେତକ ସଦୁପଯୋଗ କରିବା ଉଚିତ୍ ବୋଲି ଅତିଥିମାନେ କହିଥିଲେ । ପରିଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ମନ ଲଗାଇ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ ।

ବନ୍ୟପ୍ରାଣୀ ଚୋରାଚାଲାଣ ଉଦ୍ୟମ ପଣ୍ଡ : ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର, ୧ ଗିରଫ



ମାଲକାନଗିରି,୧୫/୧୧(ନି/ପ୍ର): ମାଲକାନଗିରି ଜିଲ୍ଲାରେ ବନ୍ୟପ୍ରାଣୀ ଚୋରାଚାଲାଣ ଉଦ୍ୟମକୁ ବନ ବିଭାଗ ପଣ୍ଡ କରିବାରେ ସଫଳହୋଇଛି । ଏକ ମୋଟରସାଇକେଲରେ ଜୀବନ୍ତ ବଜ୍ରକାପ୍ତା ନେଇ ଯାଉଥିବା ବେଳେ ବନ ବିଭାଗ କର୍ମଚାରୀ ଜଣେ ବ୍ୟକ୍ତିଙ୍କୁ ଜାବୁ କରିଛନ୍ତି । ବନ ବିଭାଗର ସୂଚନା ଅନୁଯାୟୀ, ଗତ ୧୩ ତାରିଖ ରାତି ପ୍ରାୟ ୧୦ଟା ସମୟରେ ମାଲକାନଗିରି ଖେଷର କର୍ମଚାରୀମାନେ ପାଟ୍ରୋଙ୍ଗି କରୁଥିବା ବେଳେ ଜୋରଜିପାରି ଗ୍ରାମ ନିକଟ ରାଜ୍ୟ ରାଜପଥରେ ଏକ ମୋଟରସାଇକେଲରେ ଜୀବନ୍ତ ବଜ୍ରକାପ୍ତା ନିଆଯାଉଥିବା ଦେଖିଥିଲେ । ବନ କର୍ମଚାରୀଙ୍କୁ ଦେଖି ଅଭିଯୁକ୍ତ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ତେବେ ବନ ବିଭାଗ କର୍ମଚାରୀମାନେ ପିଛା କରି ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ । ଗିରଫ ବ୍ୟକ୍ତି ଜଣକ ହେଲେ ତିତୁଲୋଷା ଥାନା ଅନ୍ତର୍ଗତ କୁମାନୁର ପଚାୟତର ଦୁଲାମଣ୍ଡି ଗ୍ରାମର ୩୯ ବର୍ଷୀୟ ପେଣ୍ଡାୟା କାଜର। ତାଙ୍କ ପିତାଙ୍କ ନାମ ଗଙ୍ଗାୟା କାଜର ବୋଲି ଜଣାପଡ଼ିଛି । ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ର ବିଭିନ୍ନ ଧାରା ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ପରେ ତାଙ୍କୁ ମାଲକାନଗିରି ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇ ନ୍ୟାୟିକ ହାଜତକୁ ପଠାଇବା ପାଇଁ ପଦକ୍ଷେପ ନିଆଯାଇଛି । ଘଟଣାରେ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍‌ଯାପିତ
ମାଟିର ଗୌରବ ଗୀତିକା ଗାଇଥାଏ ମହୋତ୍ସବ

ଭଦ୍ରକ,୧୫/୧୧(ନି/ପ୍ର): ମାଟିର ଇତିହାସ, ଐତିହ୍ୟ, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସୃତିକୁ ଜଜାଗର କରିବା ସହ ମାଟି ଓ ଜାତିର ଗୌରବ ଗୀତିକା ଗାଇଥାଏ ମହୋତ୍ସବ ।ଅପରପକ୍ଷରେ ପୁସ୍ତକ ମେଳା,ଜ୍ଞାନ, ବିଜ୍ଞାନ,କଳା, ସାହିତ୍ୟ ଓ ବାଣିଜ୍ୟର ମଧୁର ମିଳନର ସାରସ୍ୱତ ସମାରୋହ । ମହୋତ୍ସବ ଓ ପୁସ୍ତକ ମେଳା ନୂତନ ପ୍ରତିଭାକୁ ଲୋଡନକୁ ଆଣେ ଓ ପ୍ରତିଷ୍ଠିତ ପ୍ରତିଭାକୁ ସମ୍ମାନିତ ଜରେ ବୋଲି ଅବତିକା ଆବାସିକ ମହାବିଦ୍ୟାଳୟ, ତରମା ପ୍ରାୟୋଜିତ ତଥା ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ଆୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା - ୨୦୨୬ର ଉଦଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବର ସଭାପତି ଙ୍କ. ଅଭୟ ସୁଦାରଙ୍କ ପୌରୋହିତ୍ୟ ତଥା ଉଦଯାପନୀ ସନ୍ଧ୍ୟାକୁ ଜବି ବଂଶୀ ବଲ୍ଲଭ ଗୋସ୍ୱାମୀଙ୍କ ନାମରେ ଉତ୍ସର୍ଗ ହୋଇଥିଲା । ଦେବସ୍ମିତା ମହିଳା ସଂଗଠନର ସଭାନେତ୍ରୀ ଜଳନା ଜେନା ଅତିଥିମାନଙ୍କୁ ସଂତ ନିମନ୍ତ୍ରଣ , ଆବାହକ ଅଧ୍ୟାପକ ନାହାର ରଞ୍ଜନ ଜଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବାପରେ ଏବଂ ସମ୍ମାବକ ରବି ନାରାୟଣ ଖୁଣ୍ଟାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଡା. ସୁଧୀରଞ୍ଜନ ନାୟକଙ୍କୁ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା - ୨୦୨୬ ସମ୍ମାନ ପ୍ରଦାନ କରାଯାଇଥିଲା । ଏଙ୍ଗଠନର ଉପସଭାପତି ଡ. ଜାନକୀ ପାଢ଼ୀ, ଦୀପ୍ତିମୟୀ ସାହୁ,ସହ ସମ୍ପାଦିକା ମନୋରମା ରାୟ, ତିତୋଳୀ ଖୁଣ୍ଟାର , ଅନିତା ରାୟ ଓ ସୁତୁମା ଭାରତୀ ବାଇ ସ୍ୱାଗତ ସଂଗୀତ ପରିଷଦର ସମ୍ପାବକ ତଥା ସଂଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ । ଚତୁର୍ଦ୍ଦଶ ମହୋତ୍ସବ ଓ ପୁସ୍ତକ ମେଳାର ଉଦଯାପନୀ ସନ୍ଧ୍ୟାକୁ ଜବି ବଂଶୀ ବଲ୍ଲଭ ଗୋସ୍ୱାମୀଙ୍କ ନାମରେ ଉତ୍ସର୍ଗ ହୋଇଥିଲା । ଦେବସ୍ମିତା ମହିଳା ସଂଗଠନର ସଭାନେତ୍ରୀ ଜଳନା ଜେନା ଅତିଥିମାନଙ୍କୁ ସଂତ ନିମନ୍ତ୍ରଣ , ଆବାହକ ଅଧ୍ୟାପକ ନାହାର ରଞ୍ଜନ ଜଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବାପରେ ଏବଂ ସମ୍ମାବକ ରବି ନାରାୟଣ ଖୁଣ୍ଟାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଡା. ସୁଧୀରଞ୍ଜନ ନାୟକଙ୍କୁ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା - ୨୦୨୬ ସମ୍ମାନ ପ୍ରଦାନ କରାଯାଇଥିଲା । ଡେକସ୍ମିନୀ

ବିବିଧା



ନଭେମ୍ବର ୨୦ରେ 'ଦେବକନ୍ୟା'

ଓଡ଼ିଶାର ସମୃଦ୍ଧ ଲୋକକଳା ଓ ପରମ୍ପରାକୁ ନେଇ ପ୍ରସ୍ତୁତ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ଦେବକନ୍ୟା' ନଭେମ୍ବର ୨୦ ତାରିଖରେ ଶୁଭମୁକ୍ତି କରୁଛି । 'ସୁପ୍ରିମ୍ ଏଣ୍ଟରଟେନମେଣ୍ଟ' ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରକୁ ସୁରେଶ କୁମାର ସାହୁ ଏବଂ ଭାର୍ଗବୀ ତ୍ରିପାଠୀ ମିଳିତ ଭାବେ ପ୍ରଯୋଜନା କରିଛନ୍ତି । ବିଶିଷ୍ଟ ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଲିଖିତ ଚମତ୍କାର କାହାଣୀ ଓ ଚିତ୍ରନାଟ୍ୟକୁ ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ରାଶେଷ ମହାନ୍ତି (ସିଲୁ) । ସୁଦର୍ଶନ ସେନାପତି ଏହାର ଚିତ୍ରଲୋଳନ ଦାୟିତ୍ୱ ତୁଲାଇଥିବା ବେଳେ ଚନ୍ଦ୍ରଶେଖର ମିଶ୍ର ସମ୍ପାଦନା କରିଛନ୍ତି । ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ହେଉଛନ୍ତି ଲୋକପ୍ରିୟ ଅଭିନେତା ଶୁଭାଶିଷ ଶର୍ମା (ମଣ୍ଟୁ) । ପୁରା ମାଟିର ପାରମ୍ପରିକ ପ୍ରସିଦ୍ଧ ଲୋକକଳା 'ଘୋଡ଼ାନାଚ'କୁ ଆଧାର କରି ଚଳଚ୍ଚିତ୍ରର କାହାଣୀ ଗତିଶୀଳ ହୋଇଛି । ଘୋଡ଼ାନାଚରେ ଝିଅ ବେଶ ହୋଇ ନାଚୁଥିବା ଜଣେ ଯୁବକର ଜୀବନ ସଂଘର୍ଷ ଓ ଭାବନାକୁ ଜୀବନ୍ତ ରୂପ ଦିଆଯାଇଛି । ଚଳଚ୍ଚିତ୍ରରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ସଂସ୍କୃତି, ପରମ୍ପରା, ଲୋକକଳା ଓ ମାଟିର ମହକକୁ ଖୁବ୍ ଗୁରୁତ୍ୱ ଦିଆଯାଇଛି । ସେହି ହିସାବରେ ସଂଳାପ ଓ କଳାକାରଙ୍କ ଅଭିନୟ ବେଶ ଚମତ୍କାର ହୋଇଛି । ବିଭିନ୍ନ ଭୂମିକାରେ ଅଭିନେତା ଶୁଭାଶିଷଙ୍କ ବ୍ୟତୀତ କୁନା ତ୍ରିପାଠୀ, ଅଶୁମୋଚନ ମହାନ୍ତି, କେଦାର ମିଶ୍ର, ଦେବ୍ ଏବଂ ନବାଗତା ସୁଶ୍ରୀଙ୍କ ସମେତ ଆହୁରି ଅନେକ ଦକ୍ଷ କଳାକାର ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଏହି ସିନେମା ମଧ୍ୟମରେ ସୁଶ୍ରୀ ଓଲିଉଡ୍‌କୁ ଏଣ୍ଟ୍ରି କରିଛନ୍ତି । ଫିଲ୍ମରେ ବିରଞ୍ଚି ନାରାୟଣଙ୍କ ଲିଖିତ ହୃଦୟସ୍ପର୍ଶୀ ଗୀତଗୁଡ଼ିକୁ ସଙ୍ଗୀତରେ ସଜାଇଛନ୍ତି ଭେଟେରାନ ସଙ୍ଗୀତକାର ବିକାଶ ଦାସ ଏବଂ କଣ୍ଠଦାନ କରିଛନ୍ତି ଅଭିଜିତ ମିଶ୍ର ଓ ନିଶାନ୍ତ ମିଶ୍ର । ନୃତ୍ୟ ସଂଯୋଜନା କରିଛନ୍ତି ଇଣ୍ଡଷ୍ଟ୍ରିର ଚର୍ଚ୍ଚିତ ଭ୍ରାତା ଯୋଡ଼ି ଲୁବୁନ୍-ଟୁବୁନ୍ । ଦେବକନ୍ୟା ଦର୍ଶକଙ୍କ ମନ ଜିଣିବା ସହ ବ୍ୟାପକ ସଫଳତା ସାଉଁଟିବ ବୋଲି ପ୍ରଯୋଜନା ସଂସ୍ଥା ଦୃଢ଼ ଆଶାବାଦୀ ଅଛି । ■



ମାନସଙ୍କ ନୂଆ ଫିଲ୍ମ 'ଅଗିରା'

'ଛକିଶୁନ' ସିନେମାର ଲେଖକ ନିର୍ଦ୍ଦେଶକ ଓ 'କର୍ମ', 'ଜୁହୁଡି', 'ତ୍ରିକନ୍ୟା', 'ରାତି ସରି ସରି ଯାଉଛି' ପରି ଅନେକ ଫିଲ୍ମର ଲେଖକ ମାନସ ପଢ଼ିଆରୀଙ୍କ ନୂଆ ଚଳଚ୍ଚିତ୍ର 'ଅଗିରା' ଘୋଷଣା ହୋଇଛି । ଏହାର କାହାଣୀ ଓ ଚିତ୍ରନାଟ୍ୟ ପ୍ରବୀର କୁମାର ସାମଲ ଓ କ୍ଷୀରୋଦ ବିହାରୀ ବିଶ୍ୱାଳ ରଚନା କରିଛନ୍ତି । ସିନେମାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ନବାଗତ ଯୁବ ପ୍ରଯୋଜକ ସମ୍ବିତ୍ ଦାସ । ସି. କେ. ପ୍ରଡକ୍ସନ୍ସ ଓ ପି.କେ. ମିଡ଼ିଆ ଓଡ଼ିଆର ମିଳିତ ସହଯୋଗରେ ନିର୍ମାଣ ହେବାକୁ ଥିବା ସିନେମା 'ଅଗିରା'ର କାହାଣୀ ମୁଖ୍ୟତଃ ଡାର୍କ ଥ୍ରୀଲର ବୋଲି କୁହାଯାଉଛି । ସିନେମା ପାଇଁ କଳାକାର ଚୟନ ଚାଲିଛି ଓ ଫେବୃଆରୀରେ ଏହାର ସ୍ଥଟିଂ ହେବ ବୋଲି ପ୍ରାଯୋଜନା ସଂସ୍ଥା ତରଫରୁ ଜଣାପଡ଼ିଛି । ଦୀପକ କୁମାର ସିନେମାଟୋଗ୍ରାଫର ଓ ରଶ୍ମି ରଞ୍ଜନ ସମ୍ପାଦନା ଦାୟିତ୍ୱ ତୁଲେଇବେ । ଲଗଲିନ ଷ୍ଟୁଡ଼ିଓ ଏହାର ଭିଏଫ୍‌କ୍ସ ଦାୟିତ୍ୱରେ ରହିବେ । ତେବେ 'ଛକିଶୁନ'ର ସଫଳତା ପରେ 'ଅଗିରା' ବି ଦର୍ଶକୀୟ ଆଦୃତି ଲାଭ କରିବ ବୋଲି ନିର୍ଦ୍ଦେଶକ ମାନସ ପଢ଼ିଆରୀ ଆଶାବାଦୀ ଅଛନ୍ତି । ■

ପ୍ରସ୍ତୁତି ପଥେ 'ମୋ ଭାଇ ଜଗନ୍ନାଥ'

ଖୁବ୍ ଶୀଘ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ମୋ ଭାଇ ଜଗନ୍ନା'ର ସ୍ଥଟିଂ ଆରମ୍ଭ ହେବାକୁ ଯାଉଛି । ପୁରୀର ଏକ ଲୋକକଥାକୁ ନେଇ ଶ୍ୟାମା ପ୍ରସାଦ ମିଶ୍ରଙ୍କ ବଳିଷ୍ଠ ସଂଳାପ ଏବଂ ନିର୍ଦ୍ଦେଶିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୃଷ୍ଠଭୂମି ଉପରେ ଆଧାରିତ 'ମୋ ଭାଇ ଜଗନ୍ନାଥ' ଚଳଚ୍ଚିତ୍ର । ଏହି ଚଳଚ୍ଚିତ୍ରଟି ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଥିବା ନିବିଡ଼ ଓ ପାରିବାରିକ ସମ୍ପର୍କ ଉପରେ ଆଧାରିତ । ଶ୍ୟାମା ପ୍ରସାଦଙ୍କ ନିଜସ୍ୱ ବ୍ୟାନର 'ଫିଲ୍ମଓଲା'ରେ ନିର୍ମିତ ହେଉଥିବା ଏହି ଫିଲ୍ମ ପାଇଁ ହୃଦୟସ୍ପର୍ଶୀ ଗୀତର ରଚନା କରିଛନ୍ତି ଡକ୍ଟର ବଦ୍ରି ମିଶ୍ର ଓ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର । ସଂଗୀତକାର ହେଉଛନ୍ତି ମନ୍ମଥ ମିଶ୍ର, ବିପିନ ବାରିକ ଏବଂ ପ୍ରୀତମ ମିଶ୍ର । ଗାୟକ ଶ୍ରୀଚରଣ, ମାନସୀ ପାତ୍ର, ମନ୍ମଥ ମିଶ୍ର, ସତ୍ୟଜିତ ପ୍ରଧାନ, ଶଶାଙ୍କ ଶେଖର, ଇସ୍ପିତା ସାହୁ, ଶିଶୁ କଣ୍ଠଶିଳ୍ପୀ ପ୍ରିୟାଂଶୀଙ୍କ କଣ୍ଠରେ ଗୀତଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଅଭିନେତା ଅଶୁମୋଚନ ମହାନ୍ତି, ପୁଷ୍ପା ପଣ୍ଡା, ଚୌଧୁରୀ ବିକାଶ ଦାସ, ସୁକାନ୍ତ ରଥ, ଗୋପବନ୍ଧୁ ପ୍ରତିହାରୀ, ଅଦ୍ୱୈତା ପାଣିଗ୍ରାହୀ, ପ୍ରଦୀପ ଦେବତା, ବିଜୟିନୀ ମିଶ୍ର, ଅରବିନ୍ଦ ଜେନା, ସ୍ମୃତି ରଥ, ଗୌରୀ ରଞ୍ଜନ ବାରିକ, ଶମ୍ଭୁ ଖୁଣ୍ଟିଆ ପ୍ରମୁଖ ଅଭିନୟ କରୁଛନ୍ତି । ଏହି ଚଳଚ୍ଚିତ୍ରର କ୍ରିଏଟିଭ୍ ନିର୍ଦ୍ଦେଶକ ଶୈଳେନ୍ଦ୍ର ମିଶ୍ର ଓ ଅରବିନ୍ଦ ଜେନା ରହିଥିବା ବେଳେ ସୃଜନଶୀଳ ମୁଖ୍ୟ ଅଛନ୍ତି ଡକ୍ଟର ବିଶ୍ୱନାଥ ମିଶ୍ର । ସେହିପରି ଚିତ୍ରନାଟ୍ୟ ଚିନ୍ମୟୀ ଓ ଚିତ୍ରଉତ୍ତୋଳନ ଫଲଗୁ ଶତପଥୀ କରୁଛନ୍ତି । ଚଳିତ ମାସରୁ ଡିସେମ୍ବର ପର୍ଯ୍ୟନ୍ତ ଏହି ସିନେମାର ସ୍ଥଟିଂ ଚାଲିବାକୁ ଯାଉଛି ବୋଲି ପ୍ରଯୋଜକ ଓ ନିର୍ଦ୍ଦେଶକ ଶ୍ୟାମା ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି । ■



ବିଜୟ-ରଶ୍ମିକାଙ୍କ ମୁହଁରେ 'ରାମାୟଣ'ର ପ୍ରଶଂସା



'ରାମାୟଣ' ସିନେମା ରିଲିଜ୍ ହେବା ପରେ ଦର୍ଶକଙ୍କ ବ୍ୟତୀତ ସେଲିବ୍ରିଟିମାନେ ବି ଏହାର ପ୍ରଶଂସା କରୁଛନ୍ତି । ଅଭିନେତ୍ରୀ ରଶ୍ମିକା ମନ୍ଦାନା ଓ ଅଭିନେତା ବିଜୟ ଦେବରକୋଣ୍ଡା ସୋସିଆଲ ମିଡିଆରେ ଫିଲ୍ମର ଖୁବ୍ ପ୍ରଶଂସା କରିଛନ୍ତି । ରଶ୍ମିକା ରଣବୀରଙ୍କୁ ଭଗବାନ ରାମ ରୂପରେ ଦେଖିବା ନେଇ ଉତ୍ସାହିତ ଥିବା କହିଛନ୍ତି । ତା'ସହ ସେ ଭର୍ଚୁଆଲ୍ ହଗ୍ ପ୍ରେରଣ କରିବା କଥା କହିଛନ୍ତି । ସେହିପରି ସୀତା ଚରିତ୍ରରେ ସାଇ ପଲ୍ଲବୀଙ୍କର ବି ଖୁବ୍ ପ୍ରଶଂସା କରିଛନ୍ତି । ତା'ସହ ରାବଣ ଚରିତ୍ରରେ ଅଭିନୟ କରିଥିବା ଯଶଙ୍କ କାମକୁ ସେ ସବୁବେଳେ ପ୍ରଶଂସା କରି ଆସିଥିବା କହନ୍ତି । ତା'ସହ ଯଶଙ୍କୁ ବି ରାବଣ ଭୂମିକାରେ ଦେଖିବା ପାଇଁ ରଶ୍ମିକା ଉତ୍କଣ୍ଠିତ ଅଛନ୍ତି । କେବଳ ସେତିକି ନୁହେଁ, ନିର୍ମାତା ଓ ନିର୍ଦ୍ଦେଶକଙ୍କର ବି ସେ ଖୁବ୍ ପ୍ରଶଂସା କରିଛନ୍ତି । ଏହାବାଦ୍ ବିଜୟ ମଧ୍ୟ ରାମାୟଣର ପୂରା ଟିମ୍‌କୁ ଶୁଭକାମନା ଜଣାଇଛନ୍ତି । ■

ଏବେ ବି ସବୁଠୁ ଭଲ ଚରିତ୍ର ଅପେକ୍ଷାରେ

ଶୁଭାଶିଷ ଶର୍ମା, ଅଭିନେତା

ସାକ୍ଷାତକାର



ଓଲିଉଡ୍‌ର ଷ୍ଟାଇଲିସ୍ ଅଭିନେତା ଭାବେ ବେଶ୍ ଲୋକପ୍ରିୟ ଶୁଭାଶିଷ ଶର୍ମା ଓରଫ୍ ମଣ୍ଟୁ । ଅନେକ ସିନେମା, ମେଗାଧାରାବାହିକ ଓ ମ୍ୟୁଜିକ ଭିଡିଓରେ ତାଙ୍କର ଷ୍ଟାଇଲିସ୍ ଲୁକ୍ ଓ ଦମଦାର୍ ଅଭିନୟ ଦର୍ଶକଙ୍କ ହୃଦୟ ଜିଣିପାରିଛି । ନିକଟରେ ମୁକ୍ତିଲାଭ ଅପେକ୍ଷାରେ ଅଛି ତାଙ୍କ ଅଭିନୀତ ସିନେମା 'ଦେବକନ୍ୟା' । ସିନେମାରେ ତାଙ୍କ ଭିନ୍ନ ଓ କିଛି ବ୍ୟକ୍ତିଗତ ଦିଗକୁ ନେଇ ଶୁଭାଶିଷଙ୍କ ସହିତ ଏଥରର ସ୍ୱତନ୍ତ୍ର ଆଲୋଚନା ।

ସବୁବେଳେ ଷ୍ଟାଇଲିସ୍ ଲୁକ୍‌ରେ ଆପଣ ନଜର ଆସନ୍ତି । ତେବେ 'ଦେବକନ୍ୟା'ରେ ସମ୍ପୂର୍ଣ୍ଣ ଭିନ୍ନ ଲୁକ୍‌ରେ ନଜର ଆସୁଛନ୍ତି, କ'ଣ କହିବେ ସେ ସମ୍ପର୍କରେ?

● ମୋ ପାଇଁ ଷ୍ଟାଇଲ୍ କେବଳ ମୋର ପରିଚୟ ନୁହେଁ, ମୋର ଅଭିନୟ ହେଉଛି ମୋର ପ୍ରକୃତ ପରିଚୟ । ଜଣେ ଅଭିନେତା ଭାବେ ମୁଁ ସବୁବେଳେ ନୂଆ ନୂଆ ଚରିତ୍ରକୁ ଜୀବନ୍ତ କରିବାକୁ ଚାହେଁ । 'ଦେବକନ୍ୟା' ମୋ ପାଇଁ ସେହିଭଳି ଏକ ଭିନ୍ନ ଅନୁଭୂତି । ଏହି ଚଳଚ୍ଚିତ୍ରରେ ମୋର ଲୁକ୍ ଯେତିକି ଭିନ୍ନ, ଚରିତ୍ରଟି ସେତିକି ଆହ୍ୱାନପୂର୍ଣ୍ଣ । ମୁଁ ଚାହେଁ ଦର୍ଶକ ମୋତେ କେବଳ ଜଣେ ଷ୍ଟାଇଲିସ୍ ହିରୋ ଭାବେ ନୁହେଁ, ଜଣେ ଭଲ ଅଭିନେତା ଭାବେ ମଧ୍ୟ ମନେ ରଖନ୍ତୁ ।

ପୁଅ ହୋଇ ଝିଅ ଲୁକ୍‌ରେ ଅଭିନୟ କରିବା କେତେ ଆହ୍ୱାନପୂର୍ଣ୍ଣ?

● ନିଶ୍ଚିତ ଭାବେ ଏହା ମୋ କ୍ୟାରିୟରର ସବୁଠାରୁ ଭିନ୍ନ ଓ ଆହ୍ୱାନପୂର୍ଣ୍ଣ ଅନୁଭୂତି ମଧ୍ୟରୁ ଗୋଟିଏ । କାରଣ ଏଠାରେ କେବଳ ବାହ୍ୟ ଲୁକ୍ ବଦଳାଇବା କଥା ନୁହେଁ, ଚରିତ୍ରର ଭାବନା, ଶାରୀରିକ ଭାବଭଙ୍ଗୀ, ନୃତ୍ୟ ଓ ମାନସିକତାକୁ ବୁଝିବା ଜରୁରି ଥିଲା । ମୋ ମତରେ ଜଣେ ପ୍ରକୃତ ଅଭିନେତାଙ୍କ ପାଇଁ କୌଣସି ଚରିତ୍ର ଛୋଟ ବା ବଡ଼ ନୁହେଁ । ଚରିତ୍ରକୁ ସମ୍ମାନ ଦେବା ହିଁ ଅଭିନେତାର ପ୍ରଥମ କର୍ତ୍ତବ୍ୟ । 'ଦେବକନ୍ୟା' ମୋତେ ନିଜ ଅଭିନୟର ଏକ ନୂଆ ଦିଗ ଆବିଷ୍କାର କରିବାର ସୁଯୋଗ ଦେଇଛି ।

ଏ ଯାବତ୍ ଯେତେ ବି ଚରିତ୍ରରେ ଅଭିନୟ କଲେଣି, କେଉଁ ଚରିତ୍ରରେ ସନ୍ତୋଷ ଲାଭ କରିଛନ୍ତି?

● ପ୍ରତ୍ୟେକ ଚରିତ୍ର ମୋତେ କିଛି ନା କିଛି ଶିଖାଇଛି । 'ବରବଧୂ', 'ରଙ୍ଗସୁରା' ହେଉ କି 'ଦେବକନ୍ୟା' ପ୍ରତ୍ୟେକ ଚଳଚ୍ଚିତ୍ର ମୋ ହୃଦୟର ନିକଟତର । କିନ୍ତୁ ଜଣେ କଳାକାର ଭାବେ ମୁଁ କେବେ ନିଜ କାମରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହେବାକୁ ଚାହେଁନି । କାରଣ ଯେଉଁ ଦିନ ଜଣେ ଅଭିନେତା ଭାବିବ ଯେ ସେ ସବୁକିଛି ଶିଖିସାରିଛି, ସେହି ଦିନ ତା'ର ଶିଖିବା ବନ୍ଦ ହୋଇଯିବ । ମୋର ସବୁଠାରୁ ଭଲ ଚରିତ୍ରଟି ବୋଧହୁଏ ଏବେ ବି ମୋତେ ଅପେକ୍ଷା କରିଛି ।

ବର୍ତ୍ତମାନ ସିନେମାରେ କ'ଣ ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି?

● ଆଜିର ସିନେମା ବହୁତ ବଦଳିଛି । ଦର୍ଶକଙ୍କ ଚିନ୍ତାଧାରା, ସିନେମା ନିର୍ମାଣର ଶୈଳୀ ଏବଂ କାହାଣୀ କହିବାର ଢଙ୍ଗ ମଧ୍ୟ ବଦଳିଛି । ମୋର ମନେହୁଏ ଓଡ଼ିଆ ସିନେମାରେ ପ୍ରତିଭାର ଅଭାବ ନାହିଁ, ଆବଶ୍ୟକତା ହେଉଛି ଭଲ କାହାଣୀ, ଉନ୍ନତ ଟେକ୍ନୋଲୋଜି, ଶକ୍ତିଶାଳୀ ପ୍ରମୋସନ୍ ଏବଂ ସମସ୍ତଙ୍କର ସମ୍ମିଳିତ ପ୍ରୟାସ । ଆମେ ଚାହିଁଲେ ଓଡ଼ିଆ ସିନେମାକୁ ଜାତୀୟ ସ୍ତରରେ ଏକ ନୂଆ ପରିଚୟ ଦେଇପାରିବା । ଆମ ସିନେମା କେବଳ ମନୋରଞ୍ଜନ ନୁହେଁ, ଆମ ମାଟି ଓ ସଂସ୍କୃତିର ପରିଚୟ ହେବା ଉଚିତ ।

ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବାକୁ ଭଲପାଆନ୍ତି?

● ନିଶ୍ଚିତ ଭାବେ । ସୋସିଆଲ୍ ମିଡିଆ ଆଜିର ଦିନରେ କଳାକାର ଓ ଦର୍ଶକଙ୍କ ମଧ୍ୟରେ ଏକ ସୁନ୍ଦର ସେତୁ । ମୋତେ ମୋର ଦର୍ଶକଙ୍କ ସହ ଯୋଡ଼ି ହୋଇ ରହିବାକୁ ଭଲ ଲାଗେ । ସେମାନଙ୍କ ଭଲପାଇବା, ମତାମତ ଓ ଶୁଭେଚ୍ଛା ମୋତେ ସବୁବେଳେ ପ୍ରେରଣା ଦିଏ । ମୁଁ ବିଶ୍ୱାସ କରେ, ଜଣେ କଳାକାରଙ୍କ ପ୍ରକୃତ ସମ୍ପତ୍ତି ହେଉଛନ୍ତି ତାଙ୍କର ଦର୍ଶକ ଓ ପ୍ରଶଂସକ ।

କେବେ ଟ୍ରୋଲ୍‌ର ସାମ୍ନା କରିବାକୁ ପଡ଼ିଛି କି?

● ହଁ । ମୁଁ ସମାଲୋଚନାକୁ ସବୁବେଳେ ସମ୍ମାନ କରେ, କାରଣ ସେଥିରୁ ନିଜକୁ ସୁଧାରିବାର ସୁଯୋଗ ମିଳେ । କିନ୍ତୁ ପ୍ରତ୍ୟେକ ମନ୍ତବ୍ୟର ଉତ୍ତର ଦେବା ଜରୁରୀ ନୁହେଁ । ମୋର ବିଶ୍ୱାସ, ଶବ୍ଦ ଅପେକ୍ଷା କାମ ଅଧିକ ଶକ୍ତିଶାଳୀ । ମୁଁ ଚାହେଁ ମୋର ଉତ୍ତର ମୋର ଅଭିନୟ ଓ ସଫଳତା ଦେଉ ।

ଆଗାମୀ ଯୋଜନା କ'ଣ?

● ମୋର ସ୍ୱପ୍ନ କେବଳ ଜଣେ ସଫଳ ଅଭିନେତା ହେବା ନୁହେଁ, ଏମିତି କିଛି ଚରିତ୍ର ଓ ସିନେମାର ଅଂଶ ହେବା, ଯାହା ଦର୍ଶକଙ୍କ ମନରେ ସବୁଦିନ ପାଇଁ ରହିଯିବ । ଆଗକୁ ଆହୁରି ଭଲ କାହାଣୀ, ଚ୍ୟାଲେଞ୍ଜିଂ ଚରିତ୍ର ଓ ନୂଆ ନୂଆ ପ୍ରୟୋଗ କରିବାକୁ ଚାହେଁ । ଓଡ଼ିଆ ସିନେମାକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାରେ ମୋର ଯେତିକି ସମ୍ଭବ ଯୋଗଦାନ ରହିବ । ମୋର ଗୋଟିଏ ବିଶ୍ୱାସ ଅଛି- ଷ୍ଟାର୍ ହେବାଠାରୁ ଲୋକଙ୍କ ହୃଦୟରେ ଜାଗା କରିବା ବଡ଼ କଥା । ■

ପରଦା ପଛର କାହାଣୀ

ବିଳମ୍ବ ପାଇଁ ଫିଲ୍ମରୁ ବାଦ୍ ପଡ଼ିଲେ ଅଭିନେତା

ହିନ୍ଦୀ ସିନେମା ଜଗତରେ ପ୍ରତିଷ୍ଠିତ ଅଭିନେତା ଶଶି କପୁର୍ ଦର୍ଶକଙ୍କୁ ଅନେକ ବୁକ୍ ବଷ୍ଟର ଫିଲ୍ମ ଭେଟି ଦେଇଛନ୍ତି । ତାଙ୍କ ଫିଲ୍ମ କ୍ୟାରିୟରରେ ସୁଟିଂକୁ ନେଇ ଅନେକ ସ୍ମରଣୀୟ ସ୍ମୃତି ରହିଛି । ୧୯୬୨ ମସିହାରେ 'ସାହେବ୍ ବିବି ଓର୍ ଗୁଲାମ' ଫିଲ୍ମ ପାଇଁ ଶଶି କପୁରଙ୍କୁ ଅଫର୍ ଦିଆଯାଇଥିଲା । ଫିଲ୍ମ ନିର୍ମାତା ଏବଂ ନିର୍ଦ୍ଦେଶକଙ୍କ ସେ ହିଁ ପ୍ରଥମ ପସନ୍ଦ ଥିଲେ । ସେ ମଧ୍ୟ ଫିଲ୍ମ ପାଇଁ ରାଜି ମଧ୍ୟ ହୋଇଥିଲେ । ତେବେ ସୁଟିଂ ସେଟ୍‌ରେ ପହଞ୍ଚିବାର ଅଢ଼େଇ ଘଣ୍ଟା ବିଳମ୍ବ ହେବାରୁ ତାଙ୍କୁ ଫିଲ୍ମରୁ ବାଦ୍ ଦିଆଯାଇଥିଲା । ଫିଲ୍ମରୁ ବାଦ୍ ଦିଆଯିବା ପଛରେ ଏକ କାରଣ ଥିଲା । ଏହି ଫିଲ୍ମ ପାଇଁ ଅବରର ଅଭ୍ଲି ଏବଂ ଗୁରୁଦତ୍ତଙ୍କ ସହ ଶଶି କପୁରଙ୍କ ଏକ ମିଟିଂ ଥିଲା । ହେଲେ ମିଟିଂରେ ଶଶି କପୁର ପ୍ରାୟ ଅଢ଼େଇ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ । ଏଥିରେ କ୍ରୋଧିତ ହୋଇ ନିର୍ମାତା ଏବଂ ନିର୍ଦ୍ଦେଶକ ତାଙ୍କୁ ଫିଲ୍ମରୁ ବାହାର କରି ଦେଇଥିଲେ । ପରବର୍ତ୍ତୀ ସମୟରେ ଏହି ଫିଲ୍ମ ବିଶ୍ୱଜିତ୍‌ଙ୍କୁ ଦିଆଗଲା । ସେ ମଧ୍ୟ ମନା କଲେ । ସେ ଗୁରୁ ଦତ୍ତଙ୍କ କଣ୍ଟ୍ରାକ୍ଟ ସାଇନ୍ କରିବାକୁ ଚାହୁଁ ନଥିବା କୁହାଗଲା । ଶେଷରେ ଗୁରୁ ଦତ୍ତ ନିଜେ ଫିଲ୍ମରେ 'ଭୂତନାଥ' ଚରିତ୍ରରେ ଅଭିନୟ କଲେ । ଏହି ଭୂମିକାରେ ସେ ଏତେ ସୁନ୍ଦର ଅଭିନୟ କରିଥିଲେ ଯେ ଦର୍ଶକମାନେ ବହୁତ ପ୍ରଶଂସା କରିଥିଲେ । ଏହି ଫିଲ୍ମ ବରାର୍ ଅଭ୍ଲିଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା । ଏଥିରେ ଗୁରୁ ଦତ୍ତ, ମିନା କୁମାରୀ, ବହିଦା ରେହ୍‌ମନ୍, ଆକ୍ଟର ରେହ୍‌ମନ ଆଦି ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା । ଏହି ଫିଲ୍ମଟି ଓସ୍କାର୍ ଆୱାର୍ଡ ପାଇଁ ମଧ୍ୟ ପଠାଯାଇଥିଲା । ହେଲେ ସେଥିରେ ମନୋନୀତ ହୋଇପାରି ନ ଥିଲା । ■



ଉତ୍କଳ ସମାଚାର

ସମ୍ପାଦକୀୟ...

ସୋମବାର ୧୯ ନଭେମ୍ବର ୨୦୨୭

କଠୋର ହେଉ ସରକାର

ଜାଣ ହେଲେ ଆରାମ ଦେବା ପାଇଁ ଯେଉଁ ଔଷଧ ତିଆରି ହୋଇଛି, ତାହା ଯଦି ଚିକିତ୍ସାର ଘରୁ ବାହାରି ନିଶାର ଅନ୍ଧକାର ଦୁନିଆକୁ ପହଂଚିଯାଏ, ତେବେ ସେହି ଔଷଧ ଆଉ କେବଳ ଔଷଧ ରହେ ନାହିଁ—ସେହି ମୁହୂର୍ତ୍ତରୁ ଏହା ଜନସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତର ବିପଦର ରୂପ ନେଇଥାଏ। ଆଜିଦେଶରେ କିଛି ଜାଣି ଔଷଧର ଅପବ୍ୟବହାରକୁ ନେଇ ଯେଉଁ ଚିନ୍ତା ବଢୁଛି, ତାହାକୁ ଆଉ ହାଲୁକା ଭାବେ ନେବାର ସମୟ ନାହିଁ। ଜାଣି ଔଷଧରେ ଥିବା କିଛି ଉପାଦାନ, ବିଶେଷକରି ନିଶା ସୃଷ୍ଟି କରିପାରୁଥିବା ଔଷଧୀୟ ଉପାଦାନ, ଡାକ୍ତରଙ୍କ ପରାମର୍ଶ ବିନା ଅଧିକ ପରିମାଣରେ ନିଆଯାଇଲେ ଶରୀର ଉପରେ ଭୟଙ୍କର ପ୍ରଭାବ ପକାଇପାରେ। ଏହା କେବଳ ମୁଣ୍ଡ ପୁରିବା କିମ୍ବା ଗ୍ଲମ ଆସିବାର କଥା ନୁହେଁ; ଅତ୍ୟଧିକ ବ୍ୟବହାରରେ ଚେତନା ହ୍ରାସ, ଶ୍ୱାସକ୍ରିୟା ଧୀର ହେବା, ଅତେତନତା, କୋମା ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ଘଟିପାରେ। ଏହାଠାରୁ ବଡ଼ ସତର୍କତା ଆଉ କ'ଣ ହୋଇପାରେ ? ଯେଉଁ ତରଳ ଔଷଧ ଏକ ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଦିଆଯାଏ, ସେହି ଔଷଧକୁ ଯଦି କେହି ନିଶା ପାଇଁ ବ୍ୟବହାର କରୁଛି, ତେବେ ଏହା ତାଙ୍କ ଶରୀର ସହିତ ଖେଳ ମାତ୍ର ନୁହେଁ, ତାଙ୍କ ପରିବାରର ଭବିଷ୍ୟତ ସହିତ ମଧ୍ୟ ଖେଳ। ଆଉ ଯଦି ଏହି ଅପବ୍ୟବହାର ଯୁବପିଢ଼ି ମଧ୍ୟରେ ପ୍ରବେଶ କରେ, ତେବେ ସମଗ୍ରସାଟି ଏକ ବ୍ୟକ୍ତିର ନୁହେଁ, ସମାଜର। ସେଥିପାଇଁ ଜାଣି ଔଷଧର ବିକ୍ରି ଓ ବ୍ୟବହାର ଉପରେ ସରକାରଙ୍କୁ କଠୋର ନଜରକୁ ଗ୍ୱାଗତ କରିବାକୁ ହେବ। କେନ୍ଦ୍ର ସରକାର ୨୦୨୬ ମସିହାରେ ଛୋଟ ଗାଁଗୁଡ଼ିକରେ ଜାଣି ଔଷଧ ବିକ୍ରି ସମ୍ପର୍କିତ ବିଶେଷ ଛାଡ଼କୁ ହଟାଇ ଅନୁମୋଦିତ ଔଷଧ ଦୋକାନ ମାଧ୍ୟମରେ ଏହାର ବିକ୍ରିକୁ ନିୟମିତ କରିବା ଦିଗରେ ପଦକ୍ଷେପ ନେଇଛନ୍ତି। ଏହି ପଦକ୍ଷେପର ମୂଳ ସନ୍ଦେଶ ସ୍ପଷ୍ଟ—ଔଷଧକୁ ମନଇଚ୍ଛାରେ ବିକ୍ରି କରାଯିବ ନାହିଁ, ଔଷଧ ଦୋକାନକୁ ମଧ୍ୟ ଆଇନର ସୀମା ଭିତରେ ରହିବାକୁ ହେବ। ଏହି ନିୟମକୁ କେବଳ ଜାଗଇରେ ରଖିବେଲେ ଚଳିବ ନାହିଁ। ଭୂମିସ୍ତରରେ ଏହାର କଠୋର କାର୍ଯ୍ୟକାରିତା ଆବଶ୍ୟକ। ଜାଣଣ ଅବୈଧ ଭାବେ ଜାଣି ଔଷଧ ବିକ୍ରି କରୁଥିବା ଜଣେ ବ୍ୟକ୍ତି କେବଳ ଆଇନ ଭାଙ୍ଗୁନାହାନ୍ତି, ସେ ଅନ୍ୟ ଜଣଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାଉଛନ୍ତି। ଏଠାରେ ସରକାରଙ୍କ ଦାୟିତ୍ୱ ତିନିଗୁଣ। ପ୍ରଥମେ, ଯେଉଁ ଔଷଧ ଡାକ୍ତରଙ୍କ ପରାମର୍ଶ ବିନା ବିକ୍ରି ଜରାଯିବ ନାହିଁ, ତାହା ସ୍ପଷ୍ଟ ଭାବେ ଲୋକଙ୍କୁ ଜଣାଇବାକୁ ହେବ। ଦ୍ୱିତୀୟରେ, ଲାଇସେନ୍ସ ନଥିବା କିମ୍ବା ନିୟମ ଭାଙ୍ଗୁଥିବା ଦୋକାନ ଉପରେ ନିୟମିତ ଯାଂଚ ହେବା ଦରକାର। ତୃତୀୟରେ, ଯେଉଁଠାରେ ଜାଣି ଔଷଧକୁ ନିଶା ପାଇଁ ବ୍ୟବହାର ଜରାଯାଉଛି ବୋଲି ସୂଚନା ମିଳୁଛି, ସେଠାରେ ଔଷଧ ନିୟନ୍ତ୍ରଣ ବିଭାଗ ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା ନିତିତ ଭାବେ କଠୋର କାର୍ଯ୍ୟ କରିବା ଦରକାର। ଏହି ଲଢେଇ କେବଳ ଔଷଧ ଦୋକାନ ଯାଂଚରେ ଶେଷ ହେବ ନାହିଁ। ନିଶାର ଚାହିଦା ଜେଉଁଠାରୁ ଆସୁଛି, ଜେଉଁମାନେ ଯୁବପିଢ଼ିକୁ ଏହି ବିଷକୁ ଠେଲୁଛନ୍ତି, କିପରି ଔଷଧ ବେଆଇନ ଭାବେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଂଚୁଛି—ଏହି ସମସ୍ତ ବିଷୟକୁ ଖୋଜିବାକୁ ହେବ। ଔଷଧକୁ ନିଶାରେ ପରିଣତ କରୁଥିବା ଚକ୍ର ଯଦି ଥାଏ, ତେବେ ସେହି ଚକ୍ରର ମୂଳକୁ ଧରିବା ଆବଶ୍ୟକ। କେବଳ ଜଣେ ଯୁବକକୁ ଧରି ମାମଲା କରିଦେଲେ ସମସ୍ୟା ଶେଷ ହେବ ନାହିଁ। ନିଶାର ବ୍ୟବସାୟ କରୁଥିବା ମୂଳ ଯୋଗାଣକାରୀଙ୍କୁ ଧରିବାକୁ ହେବ। ଏଠାରେ ସମାଜର ଭୂମିକା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ମାଆବାପା ନିଜ ପିଲାଙ୍କ ଆଚରଣରେ ହଠାତ୍ ପରିବର୍ତ୍ତନ, ଅଧ୍ୟାପକ ଅସୁସ୍ଥତା, ଅତ୍ୟଧିକ ଅସୁସ୍ଥତା, ପଢ଼ାଶୁଣାରେ ଅବନତି, ଅର୍ଥର ଅସ୍ୱାଭାବିକ ବ୍ୟବହାର କିମ୍ବା ସନ୍ଦେହଜନକ ଔଷଧ ବ୍ୟବହାର ଦେଖିଲେ ଚୁପ୍ ରହିବା ଉଚିତ ନୁହେଁ। କିନ୍ତୁ ଏହାର ଅର୍ଥ ପ୍ରତ୍ୟେକ ଜାଣି ଔଷଧ ବ୍ୟବହାରକାରୀଙ୍କୁ ନିଶାସକ୍ତ ବୋଲି ଚିହ୍ନଟ କରିବା ନୁହେଁ। ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ବ୍ୟବହାର କରିବା ଏବଂ ଡାକ୍ତରଙ୍କ ନିଶା ଭାବେ ବ୍ୟବହାର କରିବା—ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ କଥା। ଏହି ପାର୍ଥକ୍ୟକୁ ସମାଜ ବୁଝିବା ଦରକାର। ଏହା ସହିତ ଆଉ ଏକ ଭୟଙ୍କର ବିପଦ ହେଉଛି ବୃଷ୍ଟିତ ତରଳ ଔଷଧ। ଔଷଧରେ ଯଦି ବିଷାକ୍ତ ରାସାୟନିକ ଉପାଦାନ ମିଶିଯାଏ, ତେବେ ତାହା ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଭୟଙ୍କର କ୍ଷତି କରିପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବୃଷ୍ଟିତ ତରଳ ଔଷଧ ସମ୍ପର୍କରେ ଦେଇଥିବା ସତର୍କତାରେ ବିଷାକ୍ତ ଡାଇଥିଲିନ୍ ଗ୍ଲାଇକଲ୍ ଓ ଇଥିଲିନ୍ ଗ୍ଲାଇକଲ୍ ଭଳି ଉପାଦାନକୁ ତୀବ୍ର ବୃକ୍ଳ କ୍ଷତି ଓ ମୃତ୍ୟୁର ଝୁମ୍ବ ବିଷୟରେ ଉଲ୍ଲେଖ କରାଯାଇଛି। ତେଣୁ ଜାଣି ଔଷଧର ନିରାପତ୍ତା କେବଳ ତାହାର ନାମ କିମ୍ବା ତମକଥାର ପ୍ୟାକେଟ ଦେଖି ନିର୍ଣ୍ଣୟ ହୋଇପାରେ ନାହିଁ। ଗୁଣମାନ ପରୀକ୍ଷା ଅତିବାର୍ଯ୍ୟ। ଉତ୍ପାଦନରୁ ଆରମ୍ଭ କରି ଔଷଧ ଦୋକାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ନଜରଦାରି ଦରକାର। ଏକ ବୋତଲ ଔଷଧ ବଜାରକୁ ଆସିବା ପୂର୍ବରୁ ତାହାର ଗୁଣମାନ ପ୍ରତି ଯେତେ ନିଶ୍ଚିତତା ଆବଶ୍ୟକ, ବଜାରକୁ ଆସିବା ପରେ ମଧ୍ୟ ତାହାର ନିରାପତ୍ତା ଉପରେ ସେତେ ନଜର ଦରକାର। ଔଷଧ ନିର୍ମାତାମାନେ ମଧ୍ୟ ବୁଝିବା ଦରକାର ଯେ ଏଠାରେ ଲାଭଠାରୁ ଜୀବନ ବଡ଼। ଗୋଟିଏ ଭୁଲ ଉପାଦାନ, ଗୋଟିଏ ନିମ୍ନମାନର ଜଟ୍ ବୋମାଲ, ଗୋଟିଏ ଭୁଲ ମାର୍ଡ଼ାଯା ଗୁଣମାନ ଯାଂଚରେ ଗୋଟିଏ ଅବହେଳା ଅନେକ ପରିବାରକୁ ଶୋକରେ ଠେଲିପାରେ। ସେହିପାଇଁ ଔଷଧ ନିର୍ମାଣରେ ଶୂନ୍ୟ ଅବହେଳାର ନୀତି ଆବଶ୍ୟକ। ଓଡ଼ିଶାରେ ମଧ୍ୟ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତ୍ୱ ସହ ନେବାକୁ ହେବ। ଗାଁଠାରୁ ସହର ପର୍ଯ୍ୟନ୍ତ ଔଷଧ ଦୋକାନଗୁଡ଼ିକର ନିୟମିତ ଯାଂଚ, ସନ୍ଦେହଜନକ ଔଷଧର ନମୁନା ସଂଗ୍ରହ, ଗୁଣମାନ ପରୀକ୍ଷା, ଅନୁମତି ବିନା ବିକ୍ରି ଉପରେ ତୁରନ୍ତ କାର୍ଯ୍ୟ ଏବଂ ନିଶା ପାଇଁ ଔଷଧର ଅପବ୍ୟବହାର ଚିହ୍ନଟ ହେଲେ ଆଇନ ଶୃଙ୍ଖଳା ସଂସ୍ଥା ସହ ସମନ୍ୱୟ—ଏସବୁ କାର୍ଯ୍ୟ ନିରନ୍ତର ଚାଲିବା ଦରକାର। ଏହା ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନିଶା ବିରୋଧୀ ସଚେତନତାକୁ ଆହୁରି ମଜବୁତ କରିବା ଦରକାର। ଯୁବପିଢ଼ିକୁ ଏହା ବୁଝାଇବାକୁ ହେବ ଯେ ଔଷଧର ନାମ, ବୋତଲର ଆକାର କିମ୍ବା ତାହା ସହଜରେ ମିଳୁଛି ବୋଲି ଏହା ନିରାପଦ ନିଶା ନୁହେଁ। ନିଶାର କୌଣସି ନିରାପଦ ରାସ୍ତା ନାହିଁ। ଆଜି ଯାହାକୁ ମଜା ଭାବି ଆରମ୍ଭ କରାଯାଏ, କାଲି ତାହା ନିର୍ଭରଶୀଳତାରେ ପରିଣତ ହୋଇପାରେ। ତା'ପରେ ଶରୀର, ମନ, ପରିବାର, ପଢ଼ାଶୁଣା, ଚାକିରି—ସବୁକିଛି ତାହାର ଶିକାର ହୋଇପାରେ। ଅତ୍ୟଧିକ ଔଷଧ ବ୍ୟବହାରରେ ଚେତନା ହ୍ରାସ ଓ ଶ୍ୱାସକ୍ରିୟାର ଗୁରୁତର ସମସ୍ୟା ହେଲେ ଜୀବନ ରକ୍ଷା ପାଇଁ ତୁରନ୍ତ ଚିକିତ୍ସା ଆବଶ୍ୟକ। ଏପରି ଅବସ୍ଥାରେ ଗରୋଜ ଉପାୟ ଜରି ସମୟ ନଷ୍ଟ କରିବା ଚାଲିବ ନାହିଁ। ରୋଗୀ ଅଚେତନ, ଶ୍ୱାସ ଧୀର କିମ୍ବା ଅସାମାନ୍ୟ, ଖୋଲି କିମ୍ବା ଅନ୍ୟ ଗୁରୁତର ଲକ୍ଷଣ ଦେଖାଇଲେ ତୁରନ୍ତ ଜରୁରୀ ଚିକିତ୍ସା ସେବା ନେବା ଦରକାର।

ଶିଶୁ ଓ ଦେଶର ଭବିଷ୍ୟତ

ଆମେ ଆମ ପିଲାମାନଙ୍କୁ କେଉଁଭଳି ଭବିଷ୍ୟତ ଦେଉଛୁ ? ସେମାନଙ୍କ ପାଇଁ ଆମେ କେବଳ ବଡ଼ ବଡ଼ ସ୍ୱପ୍ନ ଦେଖାଉଛୁ, ନା ସେହି ସ୍ୱପ୍ନ ପୂରଣ କରିବାର ସୁଯୋଗ ମଧ୍ୟ ସୃଷ୍ଟି କରୁଛୁ ? ନଭେମ୍ବର ୧୪ ତାରିଖ ହେଉଛି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଜନ୍ମଦିନ। ଶିଶୁମାନଙ୍କ ପ୍ରତି ତାଙ୍କର ଗଭୀର ସ୍ନେହ ଓ ଭଲପାଇବା ଯୋଗୁଁ ଏହି ଦିନକୁ ଶିଶୁ ଦିବସ ଭାବେ ପାଳନ କରାଯାଏ। ସେ ଶିଶୁମାନଙ୍କୁ ଦେଶର ଭବିଷ୍ୟତ ଭାବେ ଦେଖୁଥିଲେ। ତାଙ୍କର ଏହି ଚିନ୍ତାଧାରା ଆଜି ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ। କିନ୍ତୁ ସମୟ ବଦଳିଛି, ସମାଜ ବଦଳିଛି, ଜୀବନଶୈଳୀ ବଦଳିଛି ଏବଂ ଶିଶୁମାନଙ୍କ ସାମ୍ନାରେ ଥିବା ଆହ୍ୱାନ ମଧ୍ୟ ବଦଳିଛି। ବିତେ ଶିଶୁଙ୍କ ଖେଳପଡ଼ିଆ ଥିଲା ଗାଁର ଖୋଲା ପଡ଼ିଆ, ବିଦ୍ୟାଳୟର ଅଗଣା ଓ ଘର ସାମ୍ନାର ରାସ୍ତା ; ଆଜି ସେହି ଖେଳପଡ଼ିଆର ଏକ ବଡ଼ ଅଂଶ ମୋବାଇଲ ପରଦା ଭିତରକୁ ଚାଲିଯାଇଛି। ବିତେ ଶିଶୁମାନେ ଜେଜେବାପା, ଜେଜେମାଆଙ୍କଠାରୁ ଗପ ଶୁଣି ଜୀବନର ମୂଲ୍ୟବୋଧ ଶିଖୁଥିଲେ ; ଆଜି ଅନେକ ଶିଶୁଙ୍କ ସମୟ ଅତିବାହିତ ହେଉଛି ଦୂରଭାଷ ଯନ୍ତ୍ରର ପରଦାରେ। ପ୍ରଯୁକ୍ତିର ବିକାଶକୁ ଅସ୍ୱୀକାର କରିବା ଆମର ଉଦ୍ଦେଶ୍ୟ ନୁହେଁ, କିନ୍ତୁ ପ୍ରଯୁକ୍ତି ଯେପରି ଶିଶୁଙ୍କ ଜୀବନକୁ ସହଜ ଓ ସମୃଦ୍ଧ କରିବ, ସେଥିପାଇଁ ସଚେତନତା ଅତ୍ୟନ୍ତ ଆବଶ୍ୟକ। ଆଜିର ଶିଶୁ କୁତ୍ରିମ ବୁଦ୍ଧିମତା, ରୋବୋଟ, ମହାକାଶ ଗବେଷଣା, ଡିଜିଟାଲ ଶିକ୍ଷା ଓ ବିଶ୍ୱବ୍ୟାପୀ ଜ୍ଞାନର ଏକ ନୂଆ ଯୁଗରେ ବଢୁଛି। ଏହା ତାଙ୍କ ପାଇଁ ସମ୍ଭାବନାର ଦ୍ୱାର ଖୋଲିଛି। ଘରେ ବସି ଦୁନିଆର ଜ୍ଞାନ ଆହରଣ କରିବା, ନୂଆ ଭାଷା ଶିଖିବା, ନିଜ ପ୍ରତିଭାକୁ ପ୍ରକାଶ କରିବା ଏବଂ ବିଶ୍ୱର ସମ୍ପର୍କରେ ଜାଣିବା ଆଜି ଅଧିକ ସହଜ ହୋଇଛି। କିନ୍ତୁ ଏହି ସୁବିଧା ସହିତ ବିପଦ ମଧ୍ୟ ଆସିଛି। ଅତ୍ୟଧିକ ପରଦା ବ୍ୟବହାର, ଅନୁଚିତ ବୃଶ୍ୟ, ଅଜଣା ବ୍ୟକ୍ତିଙ୍କ ସହ ଅନଲାଇନ ସମ୍ପର୍କ, ଖେଳ ପ୍ରତି ଆସକ୍ତି, ମିଥ୍ୟା ସୂଚନା ଓ ମାନସିକ ଚାପ ଶିଶୁଙ୍କ ସ୍ୱାଭାବିକ ବିକାଶକୁ ପ୍ରଭାବିତ କରିପାରେ। ତେଣୁ ଶିଶୁଙ୍କୁ କେବଳ ଯନ୍ତ୍ର ଦେଇଦେଲେ ଆମର ଦାୟିତ୍ୱ ସରିଯାଏ ନାହିଁ ; ସେମାନଙ୍କୁ ତାହାର ସଠିକ ବ୍ୟବହାର, ସୁରକ୍ଷା ଓ ସମ୍ବେଦନଶୀଳତା ମଧ୍ୟ ଶିଖାଇବା ଆବଶ୍ୟକ। ଶିଶୁଙ୍କ ହାତରେ ମୋବାଇଲ ଦେବା ପୂର୍ବରୁ ଅଭିଭାବକ ନିଜକୁ ପଚାରନ୍ତୁ—ଏହା ତାଙ୍କ ଜ୍ଞାନ ବଢ଼ାଉଛି, ନା ତାଙ୍କର ଶୈଶବକୁ ଛଡ଼ାଇ ନେଉଛି ? ଆଜିର ଆଉ ଏକ ବଡ଼ ଚିନ୍ତା ହେଉଛି ଶିକ୍ଷାରେ ବଢୁଥିବା ପ୍ରତିଯୋଗିତା। ଶିଶୁର ଆଗ୍ରହ, ପ୍ରତିଭା ଓ ସାମର୍ଥ୍ୟକୁ ବୁଝିବା ପରିବର୍ତ୍ତେ ? ତାକୁ ଅନ୍ୟ ପିଲାଙ୍କ ସହ ତୁଳନା କରାଯାଉଛି। କିଏ ଅଧିକ ନମ୍ବର ରଖିଲା, କିଏ ଭଲ ବିଦ୍ୟାଳୟରେ ପଢ଼ିଲା, କିଏ ଅଧିକ ପୁରସ୍କାର ପାଇଲା—ଏହି ପ୍ରଶ୍ନ ମଧ୍ୟରେ ଶିଶୁର ନିଜସ୍ୱ ଇଚ୍ଛା ଓ ଆନନ୍ଦ ଅନେକ ସମୟରେ ହଜିଯାଉଛି। ଶିକ୍ଷାର ଉଦ୍ଦେଶ୍ୟ କେବଳ ପରୀକ୍ଷାରେ ଅଧିକ ନମ୍ବର ରଖିବା ନୁହେଁ; ଜଣେ ଭଲ ମଣିଷ, ଦାୟିତ୍ୱବାନ ନାଗରିକ, ସତ୍‌ଚୋତ ବ୍ୟକ୍ତି ଓ ସମାଜ ପ୍ରତି ସମ୍ବେଦନଶୀଳ ମଣିଷ ଗଢ଼ିବା ହେଉଛି ପ୍ରକୃତ ଶିକ୍ଷାର ଲକ୍ଷ୍ୟ। ଜଣେ ଶିଶୁ ଗଣିତରେ ଦୁର୍ବଳ ହୋଇପାରେ, କିନ୍ତୁ ସଙ୍ଗୀତରେ ଅସାଧାରଣ ପ୍ରତିଭା ଥାଇପାରେ; ଅନ୍ୟ ଜଣେ ପାଠପଢ଼ାରେ ମଧ୍ୟମ ହୋଇପାରେ, କିନ୍ତୁ ଖେଳ, ଚିତ୍ରକଳା, ଅଭିନୟ କିମ୍ବା ନେତୃତ୍ୱରେ ଅଦ୍ଭୁତ ଦକ୍ଷତା ଦେଖାଇପାରେ। ପ୍ରତ୍ୟେକ ଶିଶୁ ଅଲଗା, ପ୍ରତ୍ୟେକ ପ୍ରତିଭାର ନିଜସ୍ୱ ପରିଚୟ ଅଛି। ଏହି ସତ୍ୟକୁ ଅଭିଭାବକ ଓ ଶିକ୍ଷକମାନେ ହୃଦୟଙ୍ଗମ କରିବା ଦରକାର। ଶିଶୁଙ୍କୁ ଆକାଶ ଦେଖାକୁ, କିନ୍ତୁ ନିଜ ଇଚ୍ଛାର ପକ୍ଷୀ ହୋଇ ଉଡ଼ିବାର ସ୍ୱାଧୀନତା ମଧ୍ୟ ଦିଅନ୍ତୁ। ଏହା ସହିତ ଶିଶୁ ସୁରକ୍ଷା ଆଜିର ସମାଜ ପାଇଁ ଏକ ଅତ୍ୟନ୍ତ ଗମ୍ଭୀର ପ୍ରଶ୍ନ। ଶିଶୁ ଶ୍ରମ, ବାଲ୍ୟବିବାହ, ଶାରୀରିକ ଓ ମାନସିକ ନିର୍ଯାତନା, ଯୌନ ଶୋଷଣ, ମାନବ ଚାଲାଣ ଏବଂ ଲିଙ୍ଗାନୁବିତ ପାଇଁ ଶିଶୁଙ୍କ ବ୍ୟବହାର ଭଳି ଘଟଣା ସଭ୍ୟ ସମାଜର ମୁହଁରେ କଳଙ୍କ। ଯେଉଁ ବୟସରେ ଶିଶୁଙ୍କ ହାତରେ ବହି ଓ ଖେଳଣା ରହିବା କଥା, ସେହି ବୟସରେ ଯଦି ସେମାନଙ୍କ ହାତରେ ଶ୍ରମର ଭାର ଦିଆଯାଏ, ତେବେ ଏହା କେବଳ ଜଣେ ଶିଶୁର ଅଧିକାର ହରଣ ନୁହେଁ, ଏହା ଦେଶର ଭବିଷ୍ୟତକୁ ଅନ୍ଧକାର ଆଡ଼କୁ ଠେଲିଦେବା ସହ ସମାନ। ଗରିବୀ, ଅସଚେତନତା ଓ ସାମାଜିକ ଅବହେଳା ଯୋଗୁଁ ଅନେକ ଶିଶୁ ଆଜି ମଧ୍ୟ ଶିକ୍ଷାର ମୁଖ୍ୟଧାରାରୁ ଦୂରରେ ଅଛନ୍ତି। ରାସ୍ତାକଡ଼ରେ, ହୋଟେଲରେ, କାରଖାନାରେ ଓ ନିର୍ମାଣସ୍ଥଳରେ କାମ କରୁଥିବା ଶିଶୁଙ୍କ ଦୃଶ୍ୟ ଆମକୁ ପ୍ରତିଦିନ ପ୍ରଶ୍ନ କରୁଛି—ଶିଶୁ ଦିବସର ଉତ୍ସବ କାହା ପାଇଁ ? କେବଳ ସୁବିଧାସମ୍ପନ୍ନ ପରିବାରର ପିଲାମାନଙ୍କ ପାଇଁ, ନା ପ୍ରତ୍ୟେକ ଅବହେଳିତ ଶିଶୁ ପାଇଁ ମଧ୍ୟ ? ଶିଶୁ ଦିବସର ପ୍ରକୃତ ସାର୍ଥକତା ସେତେବେଳେ ଆସିବ, ଯେତେବେଳେ ଶେଷ ଧାଡ଼ିରେ ଥିବା ଶିଶୁଟିଏ ମଧ୍ୟ ଶିକ୍ଷା, ସୁରକ୍ଷା, ପୋଷଣ ଓ ସମ୍ମାନର ଅଧିକାର ପାଇବ। ଶିଶୁଙ୍କ ଶାରୀରିକ ସୁସ୍ଥତା ସହିତ ମାନସିକ ସୁସ୍ଥତାକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ପଡ଼ିବ। ଆଜି ଅନେକ ପିଲା ପାଠପଢ଼ାର ଚାପ, ପରିବାରର ଆଶା, ସାଙ୍ଗମାନଙ୍କ ସହ ତୁଳନା, ଏକାକୀପଣ ଓ ଅସଂଜତତାର ଭୟରେ ମାନସିକ ଚାପ ଅନୁଭବ କରୁଛନ୍ତି। ସେମାନଙ୍କ ନୀରବତାକୁ ଅବହେଳା କରିବା ଉଚିତ ନୁହେଁ। ଶିଶୁ ଯେତେବେଳେ ନିଜର ମନକଥା କହିବାକୁ ଚାହେଁ, ସେତେବେଳେ ତାକୁ ଉପଦେଶ ଦେବା ପୂର୍ବରୁ ଶୁଣିବା ଶିଖିବା ଦରକାର। ଭୟ ଦେଖାଇ ନୁହେଁ, ଭରସା ଦେଇ ଶିଶୁଙ୍କୁ ଗଢ଼ିବାକୁ ପଡ଼ିବ। ଦଣ୍ଡ ଦେଇ ନୁହେଁ, ସ୍ନେହ ଓ ଶୃଙ୍ଖଳାର ସମନ୍ୱୟରେ ଭଲ ଅଭ୍ୟାସ ଶିଖାଇବାକୁ ହେବ। ପରିବାର ହେଉଛି ଶିଶୁର ପ୍ରଥମ ବିଦ୍ୟାଳୟ ଓ ମାତାପିତା ହେଉଛନ୍ତି ପ୍ରଥମ ଶିକ୍ଷକ। ତେଣୁ ଘରେ ସଜ୍ଞାନ, ସଚ୍ୟବାଦିତା, ଶୃଙ୍ଖଳା, ଦୟା, ସହଯୋଗ ଓ ମାନବିକତାର ପରିବେଶ ସୃଷ୍ଟି କରିବା ଆବଶ୍ୟକ। ଶିଶୁ ଯାହା ଶୁଣେ ତାହାଠାରୁ ଅଧିକ ଯାହା ଦେଖେ, ସେଥିରୁ ଶିଖେ। ବଡ଼ମାନେ ଯଦି ମିଥ୍ୟା କହିବେ, ଅନ୍ୟକୁ ଅସମ୍ମାନ କରିବେ, ନିୟମ ଭାଙ୍ଗିବେ, ତେବେ ଶିଶୁଙ୍କଠାରୁ ଉନ୍ନତ ଆଚରଣ ଆଶା କରିବା ଅର୍ଥହୀନ। ଅଭିଭାବକମାନେ ପିଲାଙ୍କ ପାଇଁ ସମୟ ବାହାର କରନ୍ତୁ। ଦାମୀ ଖେଳଣା ଓ ମୂଲ୍ୟବାନ ଉପହାର ଅପେକ୍ଷା ସେମାନଙ୍କ ସହିତ କଟାଇଥିବା ଅଳ୍প ସମୟ, ଗୋଟିଏ ଗପ, ଗୋଟିଏ ହସ ଓ ଗୋଟିଏ ସ୍ନେହଭରା ଆଲିଙ୍ଗନ ଅଧିକ ମୂଲ୍ୟବାନ। ବିଦ୍ୟାଳୟର ଭୂମିକା ମଧ୍ୟ କେବଳ ପାଠ୍ୟପୁସ୍ତକ ଶେଷ କରିବାରେ ସୀମିତ ରହିବା ଉଚିତ ନୁହେଁ। ପ୍ରତ୍ୟେକ ବିଦ୍ୟାଳୟରେ ସୁରକ୍ଷିତ ପରିବେଶ, ପରିଷ୍କାର ପାନୀୟ ଜଳ, ଶୌଚାଳୟ, ଖେଳପଡ଼ିଆ, ପୁସ୍ତକାଗାର, ବିଜ୍ଞାନ ଶିକ୍ଷା ଓ ସୃଜନଶୀଳ କାର୍ଯ୍ୟକଳାପର ସୁଯୋଗ ରହିବା ଆବଶ୍ୟକ। ଶିକ୍ଷକମାନେ ଶିଶୁଙ୍କ ମନୋବୃତ୍ତିକୁ ବୁଝି ସେମାନଙ୍କ ମଧ୍ୟରେ ପ୍ରଶ୍ନ କରିବାର ସାହସ, ନୂଆ କଥା ଶିଖିବାର ଆଗ୍ରହ ଓ ଭୁଲରୁ ଶିଖିବାର ମନୋଭାବ ସୃଷ୍ଟି କରନ୍ତୁ। ଭୁଲ କରିବା ଅପରାଧ ନୁହେଁ; ଭୁଲରୁ ଶିଖିବାର ସୁଯୋଗ ନ ଦେବା ହିଁ ପ୍ରକୃତ ଅନ୍ୟାୟ। ଗ୍ରାମାଚଳ ଓ ସହରାଚଳର ଶିକ୍ଷାଗତ ବ୍ୟବଧାନ ଦୂର କରିବା ମଧ୍ୟ ଆଜିର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା, ପ୍ରତ୍ୟେକ ଗାଁ ପ୍ରତ୍ୟେକ ଜନଜାତି ଅଂଚଳର ଶିଶୁଙ୍କୁ ସମାନ ଗୁଣାତ୍ମକ ଶିକ୍ଷାର ସୁଯୋଗ ମିଳିବା ଦରକାର। ମାତୃଭାଷାରେ ଶିକ୍ଷା ଶିଶୁଙ୍କ ବିଚାରଶକ୍ତି, ଅଭିବ୍ୟକ୍ତି ଓ ସାଂସ୍କୃତିକ ପରିଚୟକୁ ମଜବୁତ କରେ। ଓଡ଼ିଆ ଭାଷା, ଓଡ଼ିଆ ସାହିତ୍ୟ, ଲୋକକଥା, ଲୋକସଂସ୍କୃତି ଓ ଐତିହ୍ୟ ସହିତ ଶିଶୁଙ୍କୁ ପରିଚିତ କରାଇବା ଆମର ସାମାଜିକ ଦାୟିତ୍ୱ। ଆଧୁନିକ ଜ୍ଞାନ ଆହରଣ କରିବା ସହିତ ନିଜ ମାଟି, ନିଜ ଭାଷା ଓ ନିଜ ପରିଚୟକୁ ଭଲପାଇବାର ଶିକ୍ଷା ମଧ୍ୟ ଦେବାକୁ ହେବ। ଆମେ ଏପରି ପିଢ଼ି ଗଢ଼ିବାକୁ ଚାହୁଁ, ଯେଉଁମାନେ ବିଶ୍ୱରେ ପ୍ରତିଯୋଗିତା କରିବେ, କିନ୍ତୁ ନିଜ ମାଟିକୁ ଭୁଲିବେ ନାହିଁ; ବିଜ୍ଞାନରେ ଆଗେଇବେ, କିନ୍ତୁ ମାନବିକତା ହରାଇବେ ନାହିଁ; ସଫଳତା ହାସଲ କରିବେ, କିନ୍ତୁ ସମାଜ ପ୍ରତି ନିଜ ଦାୟିତ୍ୱକୁ ଭୁଲିବେ ନାହିଁ। ସରକାରଙ୍କ ଦାୟିତ୍ୱ ହେଉଛି ଶିଶୁଙ୍କ ଅଧିକାରର ସୁରକ୍ଷା, ଉତ୍ତମ ଶିକ୍ଷା, ପୋଷଣ, ସ୍ୱାସ୍ଥ୍ୟସେବା ଓ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବା। ଶିଶୁଙ୍କ ପାଇଁ ଯୋଜନା କେବଳ କାଗଜପତ୍ରରେ ନୁହେଁ, ବାସ୍ତବ ଜୀବନରେ ପହଂଚିବା ଦରକାର। ବିଦ୍ୟାଳୟ ଛାଡ଼ିଥିବା ଶିଶୁଙ୍କୁ ପୁଣି ଶିକ୍ଷାର ମୁଖ୍ୟଧାରାକୁ ଫେରାଇବା, ଭୂପୋଷଣ ଦୂର କରିବା, ଶିଶୁ ନିର୍ଯାତନା ଘଟଣାରେ ତ୍ୱରିତ ନ୍ୟାୟ ଦେବା ଏବଂ ଅସୁର





ନବରଙ୍ଗପୁର ଜିଲ୍ଲା ମିଡ଼ିଆ ୟୁନିୟନ (ଓୟୁଜେ)ର ସଂକ୍ଷଘଠନିକ ନିର୍ବାଚନ



୫ମ ଥର ପାଇଁ ସଭାପତି ହେଲେ ସୁଶାନ୍ତ ବେହେରା, ବାରିଜ ପଟ୍ଟନାୟକ ସମ୍ପାଦକ ଓ ନଳିନୀକାନ୍ତ ମିଶ୍ର କାର୍ଯ୍ୟକାରୀ ସଭାପତି

ନବରଙ୍ଗପୁର,୧୫/୧୧(ନି/ପ୍ର): ନବରଙ୍ଗପୁର ଜିଲ୍ଲା ମିଡ଼ିଆ ୟୁନିୟନ (ଓୟୁଜେ)ର ନିର୍ବାଚନୀ କାର୍ଯ୍ୟକ୍ରମ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁଶାନ୍ତ କୁମାର ବେହେରା ପଂଚମ ଥର ପାଇଁ ଜିଲ୍ଲା ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ବାରିଜ ପଟ୍ଟନାୟକ ସମ୍ପାଦକ ଏବଂ ବରିଷ୍ଠ ସାମ୍ବାଦିକ ନଳିନୀକାନ୍ତ ମିଶ୍ର କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଛନ୍ତି । ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ମାଲକାନଗିରି ଜିଲ୍ଲା ଓୟୁଜେ ସଭାପତି ଦେବପ୍ରସାଦ ଦାସ ଏବଂ ଓୟୁଜେ ରାଜ୍ୟ ସମ୍ବିଧାନ ସଂଶୋଧନ ସବପ୍ରସାଦ ଶିବପ୍ରସାଦ ଜୀତନିଆ ଯୋଗଦେଇ ସମଗ୍ର ନିର୍ବାଚନ ପ୍ରକ୍ରିୟାରେ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ । ୫ମଥର ସଭାପତି ନେତୃତ୍ୱ ଚୟନ ପରେ ସଂଘର ସାଂଗଠନିକ ଏକତା ଓ ସାମ୍ବାଦିକଙ୍କ ସ୍ୱାର୍ଥ ସୁରକ୍ଷା ଦିଗରେ ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବା ସହ ସାମ୍ବାଦିକ ଙ୍କ ସୁରକ୍ଷା ଏବଂ ଅଧିକାର କୁ ପ୍ରାଥମିକତା ଦେବେ ବୋଲି ସୁଶାନ୍ତ ବେହେରା କହିଛନ୍ତି । ଏହି ଅବସରରେ ସେକ୍ ଫାରୁକ, ଜଗାଶଙ୍କର ସାହୁ, ଗାତା ଦେବୀ, ଉପେନ୍ଦ୍ର ଖଡ଼ଙ୍ଗୀ, ଭି. ଶ୍ରୀନିବାସ ରାଓ, ନକୁଳ ଭତ୍ତା, ମନୋଜ କୁମାର ବାଘ, ଜିତେନ୍ଦ୍ର ବାସ, ରଞ୍ଜିତ ମହାକୁଡ଼, ଛେତ୍ର ସୁନା, ହୃଦୟାନନ୍ଦ ନାୟକ, ଫଲୁଆ ରାଉତରାୟ, ଶାନ୍ତନୁ ଚାନ୍ଦ ଓ ପ୍ରଭଞ୍ଜନ ତ୍ରିପାଠୀଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଗୋପାଳ ନାୟକ, ଚିତାନନ୍ଦ ସାହୁ, ବୁଲୁ ପାଢ଼ୀ, ଲକ୍ଷ୍ମୀକାନ୍ତ ପଣ୍ଡା, ସନ୍ତୋଷ କୁମାର ସିଂହଦେଓ, ତ୍ରିନାଥ, ସଞ୍ଜୟ ପାଢ଼ୀ ଓ ସୁମିତ ଘଟ ମଚାଂସୀନ ଥିଲେ । ମହେଶ୍ୱର ବେହେରା ମଚ ପରିଚାଳନା କରିଥିବା ବେଳେ ଶେଷରେ ଫାଲୁନି ପାତ୍ର ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ନିର୍ବାଚନୀ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର ୧୦ଟି ବ୍ଲକ୍ରୁ ୧୫୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ । ବିପୁଳ ସଂଖ୍ୟକ ସାମ୍ବାଦିକଙ୍କ ଉପସ୍ଥିତି ଜିଲ୍ଲା ଓୟୁଜେ ସଂଘର ସାଂଗଠନିକ ମଜବୁତି ଓ ସାମ୍ବାଦିକଙ୍କ ମଧ୍ୟରେ ଥିବା ଏକତାର ପରିଚୟ ଦେଇଥିଲା ।

ସମ୍ବଲପୁରରେ ନଭେମ୍ବର ୧୬ରେ ସର୍ବଭାରତୀୟ କବି ସମ୍ମିଳନୀ



ସମ୍ବଲପୁର,୧୫/୧୧(ନି/ପ୍ର):ସମ୍ବଲପୁରର ଅମୀର ଖୁଶରୁ ଫାଉଣ୍ଡେସନ ପକ୍ଷରୁ ଆସନ୍ତା ନଭେମ୍ବର ୧୬ ତାରିଖରେ ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜଠାରେ ବିଶ୍ୱ ଉର୍ଦ୍ଦୁ ଦିବସ ପାଳନ ଅବସରରେ ଏକ ସର୍ବଭାରତୀୟ କବି ସମ୍ମିଳନୀ ଓ ମୁଶାୟେରା ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ନିମନ୍ତେ ସାମ୍ବାଦିକ ଭବନଠାରେ ଅନୁଷ୍ଠାନର ଏକ ବୈଠକ ସଭାପତି ନାଶିର ଫରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅନୁଷ୍ଠାନର ଆବାହକ ସୂର୍ଯ୍ୟ ପାଣିଗ୍ରାହୀ, ମହମ୍ମଦ ପରବେଜ ଅଲି ଖାନ, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ତ୍ରିପାଠୀ ଓ ଉପସଭାପତି ମହମ୍ମଦ ଏକମଲ ଖାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଗତ ଛତ୍ରି ବର୍ଷ ଧରି ଆୟୋଜିତ ହୋଇଆସୁଥିବା କାର୍ଯ୍ୟକ୍ରମର ସମୀକ୍ଷା ସହ ଆଗାମୀ ଆୟୋଜନର ରୂପରେଖ ଉପରେ ଆଲୋଚନା କରାଯାଇଥିଲା । ଅନୁଷ୍ଠାନର ସୂଚନା ଅନୁଯାୟୀ, ଏହି ସର୍ବଭାରତୀୟ ମୁଶାୟେରାରେ ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ପ୍ରତିଷ୍ଠିତ କବି ଯୋଗଦେବେ । ଏଥିସହ ସମ୍ବଲପୁରୀ କବିମାନେ ମଧ୍ୟ ଅଂଶଗ୍ରହଣ କରିବେ । ଉର୍ଦ୍ଦୁ, ହିନ୍ଦୀ ଓ ସମ୍ବଲପୁରୀ ଭାଷାରେ କବିତା ପାଠ ଓ ମୁଶାୟେରା ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେବ । ଏହି ବିଶେଷ ଆୟୋଜନରେ ମଧ୍ୟପ୍ରଦେଶର ବୁରହନପୁରରୁ ଡ. ଜଲିଲୁର ରହମାନ, ଓଡ଼ିଶାର ରାଉରକେଲାରୁ ଡ. କୁମାର ପ୍ରଜାପତି, ଝାଲିଅରର ଦୂର ଧୋଲପୁରା, ରାଜସ୍ଥାନପୁରରୁ ଅଫଜଲ ବେଦାର, ବାରାଣସୀରୁ ବିଭା ଶୁକ୍ଲା, ଦେଓ୍ୱାସରୁ ଜସ୍ମାଇଲ ନଜର, ମୁମ୍ବାଇରୁ ତାଜାମ୍ମୁଲ ହୁସେନ ଜହୀର, କୋଟାରୁ ନୈନା ନସୀବ, ରାଜସ୍ଥାନରୁ ଦିନେଶ କୁମାର ମାଲି, ସମ୍ବଲପୁରରୁ ମୁମତାଜ ସହର ଓ ନାଶିର ଫରାଜ ଏବଂ ଝାରସୁଗୁଡ଼ାରୁ ଅଜୟ ଆଲାମ ପଣ୍ଡା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବହୁଭାଷୀ ସାହିତ୍ୟ ଓ ସଂସ୍କୃତିର ଆଦାନପ୍ରଦାନ ସହ କବିତା ମାଧ୍ୟମରେ ଭାଷାଗତ ଏକତା ଓ ଭାଇଚାରାର ବାର୍ତ୍ତା ପ୍ରସାର କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆବାହକ ସୂର୍ଯ୍ୟ ପାଣିଗ୍ରାହୀ ଓ ମହମ୍ମଦ ପରବେଜ ଅଲି ଖାନ ସୂଚନା ଦେଇଛନ୍ତି ।

ବଣୁଆ ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର, ଡାହାଣ ଗୋଡ଼ ଭାଙ୍ଗିଲା



ସମ୍ବଲପୁର,୧୫/୧୧(ନି/ପ୍ର):ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ସିତାମୁରା ପଚାୟତ ଅନ୍ତର୍ଗତ ବେଙ୍ଗଁରା ଗ୍ରାମରେ ବଣୁଆ ହାତୀ ଆକ୍ରମଣରେ ସବିବାନନ୍ଦ ପ୍ରଧାନ (୫୦) ଗୁରୁତର ଆହତ ହୋଇଛନ୍ତି । ହାତୀ ଆକ୍ରମଣରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ସବିବାନନ୍ଦ ସାଇକେଲ ଯୋଗେ ସୋଡ଼ାମାଲ ବଜାରକୁ ଯାଉଥିବା ବେଳେ ରାସ୍ତାରେ ହଠାତ୍ ଏକ ବଣୁଆ ହାତୀ ସହ ତାଙ୍କର ସାମ୍ନାସାମ୍ନି ହୋଇଯିବା । ହାତୀଟି ତାଙ୍କୁ ଆକ୍ରମଣ କରି ତଳେ ପକାଇ ଦେଇଥିଲା । ନିଜତରେ ଥିବା ଲୋକମାନେ ପାଟିତୁଣ୍ଡ କରିବାରୁ ହାତୀଟି ତାଙ୍କୁ ଛାଡ଼ି ଜଙ୍ଗଲ ଆଡ଼କୁ ଚାଲିଯାଇଥିଲା । ଫଳରେ ସେ ଅଳ୍ପକେ ଜୀବନରକ୍ଷା ପାଇଥିଲେ । ପରେ ସ୍ଥାନୀୟ ଲୋକେ ଆହତ ସବିବାନନ୍ଦଙ୍କୁ ଇଚଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ସମ୍ବଲପୁର ସ୍ଥାନାନ୍ତର କରାଯାଇଛି । ଖବର ପାଇ ଜଙ୍ଗଲ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳ ଓ ଇଚଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚିଥିଲେ । ସୂଚନାଯୋଗ୍ୟ, ଉକ୍ତ ବଣୁଆ ହାତୀଟି ବେଙ୍ଗରା-ଶ୍ରଦ୍ଧାପାଲି ଜଙ୍ଗଲ ଅଂଚଳରେ ବୁଲୁଥିବାରୁ ଆଖପାଖ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ହାତୀର ଗତିବିଧି ଉପରେ ନଜର ରଖିବା ସହ ଲୋକଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି ।

ଲଇଡା ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ଦିବସ ଉତ୍ସବ



ସମ୍ବଲପୁର,୧୫/୧୧(ନି/ପ୍ର): ସରସ୍ୱତୀ ଶିଶୁ ମନ୍ଦିର, ଲଇଡ଼ାଠାରେ ଶନିବାର ଶିଶୁ ଦିବସ ଉତ୍ସବ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଅବସରରେ ମାତୃଭାରତୀର ଅଧକ୍ଷା ଲୋକେଶ୍ୱରୀ ଭୋଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ଆଚାର୍ଯ୍ୟା ବେବି ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ଦିବସର ମହତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଶିଶୁମାନଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟା ରମେଶ କାହାଳି ଧନ୍ୟବାଦ ଅର୍ପଣ କରିଥିବାବେଳେ ଆଚାର୍ଯ୍ୟା ଜ୍ୟୋତ୍ସ୍ନା ସାହୁ ବୌଦ୍ଧିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଉପସ୍ଥିତ ଶିଶୁମାନଙ୍କୁ ମିଷ୍ଟାନ୍ନ ବଂଟନ କରାଯାଥିଲା । ଉତ୍ସବଟି ଆନନ୍ଦମୟ ପରିବେଶରେ ସମାପନ ହୋଇଥିଲା ।

ବୁହୁବରଦାରେ ପ୍ରସିଦ୍ଧ'ବୋଉତ ବନ୍ଦାଣ' ଉତ୍ସବ ନେଇ ପ୍ରସ୍ତୁତି ବୈଠକ

ଧର୍ମଶାଳା,୧୫/୧୧(ନି/ପ୍ର): ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ବୁହୁବରଦା ଜିଏପାହିଗ୍ରାମର ସେଚ୍ଛାସେବୀ ସଂଗଠନ ଉତ୍କଳ ଗୌରବ ସେବା ସଂସଦର ୨୭ତମ ବାର୍ଷିକ ଉତ୍ସବ ଓ ପଦ୍ମିନୀ ବୋଉତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ । ଏନେଇ ସେବା ସଂସଦର କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ସଂସଦର ସଭାପତି ଜିତେନ୍ଦ୍ର ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଗାମୀ ୨୪ତାରିଖ ମାଙ୍ଗଲବାର ଅନୁଷ୍ଠିତ ହେବାକୁ ଥିବା ବୋଉତ ବନ୍ଦାଣ ପର୍ବ ଜିପରି ସୂଚାରୁ ରୂପେ ପାଳନ ହେବ ସେ ନେଇ ସବିଶେଷ ଆଲୋଚନା କରା ଯାଇଥିଲା ।

ପ୍ରବୀଣ ଶିକ୍ଷକ ନେତା ପ୍ରଫେସର ଅବନୀ ବରାଳଙ୍କ ପୁଣ୍ୟତିଥି ପାଳିତ



ସମ୍ବଲପୁର,୧୫/୧୧(ନି/ପ୍ର): ଓଡ଼ିଶା ରାଜ୍ୟ ପଢୁଆ ଅଚଂଳ ବେସରକାରୀ ମହାବିଦ୍ୟାଳୟ ଶିକ୍ଷକ କର୍ମଚାରୀ ଫଂଗର ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ପ୍ରବୀଣ ଶିକ୍ଷକ ନେତା ସ୍ୱର୍ଗତ ପ୍ରଫେସର ଅବନୀ ବରାଳଙ୍କ ଶ୍ରାଦ୍ଧବାର୍ଷିକୀ ତଥା ପୁଣ୍ୟତିଥି ଶୁକ୍ରବାର ବୁଢ଼ାରାଜାସ୍ଥିତ ରାମକଲି ଦେବୀ ଟ୍ରଷ୍ଟ ଉଚ ମାଧ୍ୟମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି । ପ୍ରଫେସର ଅଶୋକ କୁମାର ବହିବାରଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ସହ-ଆବାହକ ଡ. ବସନ୍ତ କୁମାର ବାଣ, ଜୋଷ୍ଠାଧକ୍ଷ ପ୍ରଫେସର ସୂର୍ଯ୍ୟନାରାୟଣ ଅଗଣ୍ଡି, କାର୍ଯ୍ୟକାରିଣୀ କମିଟି ସଦସ୍ୟ ପ୍ରଫେସର ଶଶିକାନ୍ତ ପଣ୍ଡା, ସରକାରୀ ମହାବିଦ୍ୟାଳୟ ଶିକ୍ଷକ ସଂଘର ବରିଷ୍ଠ ସଂଗଠକ ପ୍ରଫେସର ଜାମଦେବ ସାହୁ, ସଂଘର କାର୍ଯ୍ୟକାରୀ ସଭାପତି ଡ. ଅଶ୍ୱିନୀ କୁମାର ସୁପକାର, ୬୬୨ ବର୍ଷ ମହାବିଦ୍ୟାଳୟର ପ୍ରତିନିଧି ବିଶ୍ୱପତି ବେହେରା ଓ ଅକ୍ଷୟ କୁମାର ମହାପାତ୍ର ଯୋଗଦେଇଥିଲେ । ବକ୍ତାମାନେ ପ୍ରଫେସର ଅବନୀ ବରାଳଙ୍କ ଜୀବନ, ବ୍ୟକ୍ତିତ୍ୱ, ସାଧନା ଓ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଓଡ଼ିଶାର ବିଭିନ୍ନ ବର୍ଗର ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କ ସମସ୍ୟା ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟାବୃନ୍ଦ ଦିବଙ୍ଗତ ଭିମବନ୍ତୀ ପୁରୁଷ, ବାସ୍ତୁ, ବଲ୍ଲା ଓ ଲେଖଶ୍ର ସ୍ୱର୍ଗତ ଅବନୀ ବରାଳଙ୍କ ପ୍ରତିଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଂଘର ଉପସଭାପତି ଡ. ଦାଶେନ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଫେସର କୃପାଶଙ୍କର ନାଥ ଓ ପ୍ରଫେସର ଜ୍ଞାନରଞ୍ଜନ ସାମଲ ସହଯୋଗ କରିଥିଲେ ।

ଜିଲ୍ଲାରେ ବନ୍ୟଜନ୍ତୁ ଅସୁରକ୍ଷିତ

ଜବତ ହେଉଛି ବାଘ ଛାଲ, ହାତୀଦାନ୍ତ ଓ ବଜ୍ରକାପ୍ତା ଖପୁରୀ



ଗୁଣ୍ଡୁପୁର,୧୫/୧୧(ନି/ପ୍ର):ରାୟଗଡ଼ା ଜିଲ୍ଲାରେ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ପୁଣି ପ୍ରଶ୍ନ ଉଠିଛି । ପ୍ରାୟ ପ୍ରତି ଚାରି ମାସରେ ବାଘ ଛାଲ, ହାତୀଦାନ୍ତ କିମ୍ବା ବିରଳ ବଜ୍ରକାପ୍ତାର ଖପୁରୀ ଜବତ ହେବା ଘଟଣା ଚୋର ଶିକାର ଓ ଚାଲାଣର ଗମ୍ଭୀରତାକୁ ପ୍ରକାଶ କରିଛି । ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ଏହା ପଛରେ ଥିବା ରାଜେଟ୍‌କୁ ଠାବ କରିବା ସହ ଶିକାର ରୋକିବାକୁ ବୃହତ୍ ପଦକ୍ଷେପ ଜେବେ ନିଆଯିବ, ତାହା ଏବେ ବଡ଼ ପ୍ରଶ୍ନ । ଏହି କ୍ରମରେ ବନ ବିଭାଗକୁ ମିଳିଛି ବଡ଼ ସଫଳତା । ଗୁଡ଼ାରୀ ବନାଂଚଳ ନାଇକା ସେକ୍ସନର ଜଙ୍ଗଲପାଥୁଗ୍ରାମ ନିକଟ ଶିବ ମନ୍ଦିର ପାଖରେ ବାଘ ଛାଲ ବିକ୍ରି ପାଇଁ ଲିଜ୍ ଚାଲିଥିବା ବେଳେ ତଡ଼ାଲ ଜରି ୪ ଜଣଙ୍କୁ ଗିରଫ କରିଛି ବନ ବିଭାଗ। ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ଏସିଏଫ୍ ପରିବାନ୍ଦ ପ୍ରଧାନ ଓ ସଗଣ କୁମାର ଧାଲୁଆଙ୍କ ଉପସ୍ଥିତିରେ ଗୁଣ୍ଡୁପୁର, ଗୁଡ଼ାରୀ ଓ ରାୟଗଡ଼ା ବନ ବିଭାଗର ମିଳିତ ଟିମ୍ ତଡ଼ାଲ ଜରିଥିଲା । ଗିରଫ ଚାଲିମାନେ ହେଲେ ଜଙ୍ଗପାଥୁର ଗୌରାଙ୍କର ରଣା, ଶ୍ରୀରାମ ପାତ୍ର, ଅପରପ୍ରାପ୍ତ ଶିକ୍ଷକ ପିଙ୍କିପ୍ ବିଡ଼ିକା ଓ ଜଙ୍କମାଳର ମରେନ ମଲ୍ଲିକ । ସେମାନଙ୍କଠାରୁ ବାଘ ଛାଲ ସମେତ ୩ଟି ବାଇକ୍ ଓ ୪ଟି ମୋବାଇଲ ଜବତ ହୋଇଛି । ଜବତ ଛାଲର ଲମ୍ବ ୨୫୦ ସେ.ମି. ଓ ଓସାର ୧୦୭ ସେ.ମି. ରହିଛି । ବାଘଟି ଜେଜଁ ଜଙ୍ଗଲରେ ଶିକାର ହୋଇଛି ଏବଂ ରାଜେଟ୍ ରେ ଆଉ କେଜଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ତଦନ୍ତ ଜାରି ରହିଛି । କେବଳ ଜବତ ଓ ଗିରଫଦାରୀରେ ବନ୍ୟଜନ୍ତୁ ସୁରକ୍ଷା ସମ୍ଭିବ ନ ରହି, ଶିକାରୀଙ୍କ ମୂଳ ନେଟ୍‌ୱର୍କକୁ ଧ୍ୱଂସ କରିବା ଦିଗରେ ବନ ବିଭାଗ ଠୋସ୍ ପଦକ୍ଷେପ ନେବାକୁ ଦାବି ହେଉଛି ।

ଡଃ ପ୍ରଭାବତୀ ଦେବୀଙ୍କ ୨୮ତମ ଶ୍ରାଦ୍ଧ ଦିବସ ପାଳିତ

ସମ୍ବଲପୁର,୧୫/୧୧(ନି/ପ୍ର): ମହାନ ତ୍ୟାଗ, ସେବା ଓ ମାନବିକତାର ପ୍ରତୀକ ସ୍ୱର୍ଗତ ଡଃ ପ୍ରଭାବତୀ ଦେବୀଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ସମ୍ବଲପୁର ଜିଲ୍ଲାର ଛତାନପାଲିସ୍ଥିତ ରଢ଼ିଶ୍ରୀ ଲାଠ ବାଲନିକେତନ ପରିସରରେ ଶ୍ରଦ୍ଧା ଓ ଭାବପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି । ଏହି ଅବସରରେ ଅତିଥି ଓ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ଡଃ ପ୍ରଭାବତୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଆୟୋଜିତ ସ୍ମୃତିସଭାରେ ଯୁବନେତ୍ରୀ ଶୁଭଶ୍ରୀ ମିଶ୍ର ମୁଖ୍ୟ ଅତିଥି ଏବଂ ବରିଷ୍ଠ ସାମ୍ବାଦିକ ସୁବାଷ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଅନ୍ୟମାନ ଅତିଥି ଭାବେ ଧମା ଥାନା ଅଧିକାରୀ ମମତା ମିଶ୍ର, ସମ୍ବଲପୁର ଶିଶୁ ମଙ୍ଗଳ ସମିତିର ସଦସ୍ୟ ଡା. ଅଜୟ ଆଲାମ ପଣ୍ଡା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବହୁଭାଷୀ ସାହିତ୍ୟ ଓ ସଂସ୍କୃତିର ଆଦାନପ୍ରଦାନ ସହ କବିତା ମାଧ୍ୟମରେ ଭାଷାଗତ ଏକତା ଓ ଭାଇଚାରାର ବାର୍ତ୍ତା ପ୍ରସାର କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆବାହକ ସୂର୍ଯ୍ୟ ପାଣିଗ୍ରାହୀ ଓ ମହମ୍ମଦ ପରବେଜ ଅଲି ଖାନ ସୂଚନା ଦେଇଛନ୍ତି ।

ରାଙ୍କିର ମାନଦଣ୍ଡ କ'ଣ ? ସମ୍ପୂର୍ଣ୍ଣ ମୂଲ୍ୟାୟନ ରିପୋର୍ଟ ସାର୍ବଜନୀନ କରୁ ପ୍ରଶାସନ : ଇଂ.ରୋହିତ ପୂଜାରୀ



ସମ୍ବଲପୁର,୧୫/୧୧(ନି/ପ୍ର): ସ୍ୱଚ୍ଛତା ସର୍ବେକ୍ଷଣରେ ସମ୍ବଲପୁର ମହାନଗର ନିଗମ ଜାତୀୟ ସ୍ତରରେ ୨୪ତମ ଏବଂ ଓଡ଼ିଶାରେ ତୃତୀୟ ସ୍ଥାନ ହାସଲ କରିଥିବା ଖବରକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ । ସହରର ବାସ୍ତବ ସ୍ୱଚ୍ଛତା ସ୍ଥିତି ଓ ରାଙ୍କି ମଧ୍ୟରେ ବଡ଼ ଫରକ ରହିଥିବା ଅଭିଯୋଗ କରି ସେ ଏହି ରାଙ୍କିର ମାନଦଣ୍ଡ ଏବଂ ମୂଲ୍ୟାୟନ ପ୍ରକ୍ରିୟା ସମ୍ପର୍କରେ ସ୍ୱଚ୍ଛତାଜନିତ ଦାବି କରିଛନ୍ତି । ସମ୍ବଲପୁର ସହରର ବିଭିନ୍ନ ୱାର୍ଡର ସଜିକନ୍ଧି, ମୁଖ୍ୟ ରାସ୍ତାକଡ଼ ଓ ଟ୍ରେନ୍‌ସୁଡ଼ିକରେ ଅଳିଆ ଆବର୍ଜନା ଜମି ରହୁଥିବା, ନିୟମିତ ସଫେଇର ଅଭାବ ଏବଂ ଅବ୍ୟବସ୍ଥିତ ପରିଚାଳନା ସହରର ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରଶ୍ନବାଚୀ ମଧ୍ୟକୁ ଟାଣିଛି । ଟ୍ରେନ୍‌ରେ ଆବର୍ଜନା ଜମି ରହିବା ଯୋଗୁଁ ଜଳ ନିଷ୍କାସନ ସମସ୍ୟା ମଧ୍ୟ ଦେଖାଦେଉଛି । ଏଭଳି ସ୍ଥିତିରେ ସହର ବେଢଁ ଆଧାରରେ ଏହି ସ୍ଥାନ ହାସଲ ଜଲା, ତାହା ଜାଣିବା ସମ୍ବଲପୁରବାସୀଙ୍କ ଅଧିକାର ବୋଲି ସେ କହିଛନ୍ତି । ଇଂ. ପୂଜାରୀ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଛନ୍ତି ଯେ, ସ୍ୱଚ୍ଛତା ସର୍ବେକ୍ଷଣରେ ସଫେଇ, ଆବର୍ଜନା ଫଂଗ୍ରହ, ଟ୍ରେନ୍‌ସୁଡ଼ ଓ ବର୍ଜ୍ୟବସ୍ତୁ ପରିଚାଳନାକୁ କେଜଁ ମାନଦଣ୍ଡରେ ମୂଲ୍ୟାୟନ କରାଯାଇଛି ? ବିଭିନ୍ନ ୱାର୍ଡରେ ଜମି ରହୁଥିବା ଅଳିଆ ଓ ଟ୍ରେନ୍‌ର ଅପରିଷ୍କାର ସ୍ଥିତି ସର୍ବେକ୍ଷଣ ସମୟରେ ଦୃଷ୍ଟିକୁ ଆସିଥିଲା କି ? ସର୍ବୋପରି, ସମ୍ପୂର୍ଣ୍ଣ ମୂଲ



ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ପକ୍ଷରୁ ୧୫୧ତମ ବିର୍ସା ମୁଣ୍ଡା ଜୟନ୍ତି ପାଳିତ

ବୀର ବିର୍ସା ମୁଣ୍ଡାଙ୍କ ଇତିହାସ ସର୍ବଦା ସ୍ମରଣୀୟ



ରାଉରକେଲା,୧୫/୧୧(ନି/.ପ୍ର):ତ୍ରିଟିସ ମାନଙ୍କ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତୋଳନ କରି ଝୁଟଜାତି ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସଂଗ୍ରାମ କରିଥିବା ୨୫ ବର୍ଷର ବାଳକ ବିର୍ସା ମୁଣ୍ଡା ଆଦିବାସୀମାନଙ୍କ ଭଗବାନ ରୂପେ ପୂଜିତ ହେବା ଅତ୍ୟନ୍ତ ସୌଭାଗ୍ୟର ବିଷୟ ବୋଲି ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମତବ୍ୟକ୍ତ କରିଛନ୍ତି । ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ଦ୍ୱାରା ଆୟୋଜିତ ୧୫୧ତମ ବିର୍ସା ମୁଣ୍ଡା ଜୟନ୍ତିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଯୁକ୍ତ ବର୍ମା ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥାଜିର ଧ୍ରୁବ ପିଢୀ ବିର୍ସା ମୁଣ୍ଡାଙ୍କ ପଦାଙ୍କ ଅନୁଶରଣ କଲେ ଏକ ବିଜଶିତ ସମାଜ ଗଠନ ହୋଇ ପାରିବ ବୋଲି କହିଥିଲେ । ଷ୍ଟାଚ୍ୟୁ କମିଟିର ସଂପାଦକ ପ୍ରଫେସର ବିଜୟ କୁମାର ଟପ୍ପୋ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିର୍ସା ମୁଣ୍ଡାଙ୍କ ବଳିଦାନ ସଂପର୍କରେ ଆଲୋକପାତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିର୍ସା ମୁଣ୍ଡାଙ୍କ ବିରତ୍ୱ ଓ ସଂଗ୍ରାମୀ ଜୀବନୀକୁ ଆତୁରି ଆବୃତ କରିବା ପାଇଁ ଆବିବାସୀ ସଂପ୍ରଦାୟକୁ ଉଦ୍ଧାହିତ କରିଛନ୍ତି ଏବଂ ଆଜିର ବିବସକୁ ଜନ ଜାତୀୟ ଗୌରବ ବିବସ ରୂପେ ପାଳନ କରିବା ପାଇଁ ଦେଶର ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିବାରୁ ଆମେ ତାଙ୍କ ପାଖରେ କୃତଜ୍ଞ ଏବଂ ଦେଶର ଉନ୍ନତିରେ ଅନୁପ୍ରାଣିତ ଜନଜାତି ସର୍ବଦା ଅଗ୍ରସର ହେବେ ବୋଲି କହିଥିଲେ ଷ୍ଟାଚ୍ୟୁ କମିଟିର ଯୁଗ୍ମ-ସଂପାଦକ ପ୍ରସନ୍ନ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବିପିସ୍ୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ଯୋଗଦେଇ ବୀର ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ବିନୀତ ଦତ୍ତସିର ନିଜ ବକ୍ତବ୍ୟରେ ବିର୍ସା ମୁଣ୍ଡାଙ୍କ ତ୍ୟାଗପୁତ ଜୀବନ ସଂପର୍କରେ ଆଲୋକପାତ କରିବା ସହିତ ଏକ ସୁସ୍ଥ ଓ ବିକଶିତ ସମାଜ ଗଠନ ପାଇଁ ବିର୍ସା ମୁଣ୍ଡାଙ୍କ ପଦାଙ୍କ ଅନୁକରଣ କରେ ତାଙ୍କ ପାଇଁ ଶ୍ରେଷ୍ଠ ସଦ୍ଧାନ ହୋଇପାରିବ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଆର.ଏସ୍.ପିର ନିର୍ବାହୀ ନିର୍ଦ୍ଦେଶକ ଏସ.ପାଲ ଚୌଧୁରୀ ଓ ନିର୍ବାହୀ ନିର୍ଦ୍ଦେଶକ ବିକିସ କୁମାର ମିଶ୍ର ଯୋଗଦେଇ ବିର୍ସାମୁଣ୍ଡାଙ୍କ ସଂଗ୍ରାମୀ ଜୀବନ ସଂପର୍କରେ ଆଲୋକପାତ କରି ମାତ୍ର ୨୫ ବର୍ଷ ବୟସରେ ବିର୍ସା ମୁଣ୍ଡା ଏକ ଜାତିର ଭଗବାନ ରୂପେ ପୂଜିତ ହେବା ଜମ୍ ଜଥା ନୁହେଁ ଏବଂ ତାଙ୍କର ଉତ୍ସର୍ଗୀକୃତ ତ୍ୟାଗ ସର୍ବଦା ସ୍ମରଣୀୟ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପାନପୋଷ ଉପନିଭ୍ୟାପାଳ ପ୍ରଭାତ କୁମାର ପରିଡା ଯୋଗଦେଇ କହିଲେ ଯେ ବିର୍ସାମୁଣ୍ଡାଙ୍କ ତ୍ୟାଗପୂତ ଜୀବନୀ ଇତିହାସ ପୃଷ୍ଠାରେ ଲିପିବଦ୍ଧ । ନିଜର ସମର୍ପିତ ମନୋଭାବ ଯୋଗୁଁ ସେ ଗୋଟିଏ ଜାତିର ଭଗବାନ ରୂପେ ପୂଜିତ ହେବା ଆମ ପାଇଁ ସର୍ବର ବିଷୟ ଅଟେ ବୋଲି କହିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ଓ ନିମନ୍ତ୍ରିତ ଅତିଥିମାନେ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଷ୍ଟାଚ୍ୟୁ କମିଟିର ସଦସ୍ୟ ଓ ସଦସ୍ୟା ମାନଙ୍କ ଦ୍ୱାରା ଅତିଥିମାନଙ୍କୁ ପାରଂପାରିକ ରୀତିରେ ସ୍ୱାଗତ କରାଯାଇଥିଲା । ସଙ୍ଗୀତକାର ଜ୍ୟୋତି ଆଚାର୍ଯ୍ୟ ଓ ବିର୍ସା ମୁଣ୍ଡା ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ତଦେ ଉଚ୍ଚକ ଜନନୀ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବିଧାୟକ ରବି ବେହୁରା, ବିଧାୟକ ପ୍ରଭାତ ମହାପାତ୍ର, ଇସ୍ପାତ କାରଖାନାର ସହରସେବା ବିଭାଗର ସିଜିଏମ ତପନ କୁମାର ଜାନେକର ଓ ଟାନ ଇଂଜିନିୟରିଂ ବିଭାଗର ସିଜିଏମ ଚନ୍ଦନ ମୋହନ ଟୁପ ଓ ମହାପ୍ରବନ୍ଧକତ୍ରିନାଥ ନାୟକ, ମୁଖ୍ୟ ମହାପ୍ରବନ୍ଧକ ବିଭାବସୁ ମଲ୍ଲିକ, ଲୋକ ସଂପର୍କ ଓ ସଂଚାର ମୁଖ୍ୟ ମହାପ୍ରବନ୍ଧକ ଅର୍ଚ୍ଚନା ଶତପଥୀ, ସହରସେବା ବିଭାଗର ମହାପ୍ରବନ୍ଧକ ପି.ଜେ.ସାହୁ, ଉପମହାପ୍ରବନ୍ଧକ ଟି.ବି.ତ୍ୟୋ ବିଜୁ ସୂଚନା ଓ ଲୋକସଂପର୍କ ଅଧିକାରୀ ସୀମା ଫିମା ଏକ୍କା, ବିଜେପିର ରାଜ୍ୟପ୍ରବକ୍ତା ଧୀରେନ ସେନାପତି, ସମାଜସେବୀ ରିଙ୍କୁ ସାମଲ, ବରିଷ୍ଠ ବିଜେଡି ନେତା, ବିରେନ ସେନାପତ. ପ୍ରଖ୍ୟାତ ସେଠୀ ଓ ଜୈନୋସ ସାହୁ, ସୁନ୍ଦରଗଡ ଜିଲ୍ଲା ବିଜେପି ପ୍ରବକ୍ତା ଗଙ୍ଗାଧର ବାଣ, ସିଟୁର ଶ୍ରମିକ ନେତା ବିମାନ ମାଇତି, ଓ ରାଜ କିଶୋର ପ୍ରଧାନ, ହମିଲପୁର ଉନ୍ନୟନ ପରିଷଦର ସଭାପତି ସୁମନ ବତ, ମହାତ୍ମାଗାନ୍ଧୀ ଜୟନ୍ତି କମିଟି ସଂପାଦିକା ସବାଚା ଖାଡୁନ, ସମାଜସେବୀ ଚନ୍ଦ୍ର ଶେଖର ଶତପଥୀ, ସେଲ୍ ଅନୁସୂଚିତ ଜାତି ଓ ଜନଜାତୀ ଏମ୍ପ୍ଲଇଜ ଫେଡେରେସନର ସଭାପତି ଉଦ୍ଧବ ସେଠୀ ଓ ସାଧାରଣ ସଂପାଦକ ଶତଚ ଚନ୍ଦ୍ର ପରିଛା, ସର୍ବ ସମନ୍ୱୟ ସଂଘର ସଭାପତି ବିପ୍ର ଚରଣ ସେଠୀ, ସାଧାରଣ ସଂପାଦକ ଶୁଭଦେବ ମଲ୍ଲିକ, ଉପସଭାପତି କୈଳାସ ଚନ୍ଦ୍ର ମାହାଳୀ, ସାଗରୀକା ଡ୍ରେଜଫର ଟ୍ରଷ୍ଟର ସଭାପତି ଜୟନ୍ତି ବାସ,ଗଣ୍ଡିରା ନାୟକ ଓ ସସ୍ମିତା ଜେନା, ସେଲ ଏସ୍ସି ଓ ଏସ୍ଟି ଫେଡେରେସନର ସଂପାଦକ ତିନ୍ତେନ ଚାର୍ଜନ, କ୍ରୀଡାବିତ ସ୍ୱର୍ଣ୍ଣପ୍ରଭା ମହାନ୍ତି, ବିଶିଷ୍ଟ ସଂଗଠକ ଅମିତାଭ ଠାକୁର ଓ ଅସିତ ମହାନ୍ତି, ପ୍ରମୁଖ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜିତ ବିର୍ସା ମୁଣ୍ଡାଙ୍କ ଉପରେ ଆଧାରିତ ବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଷ୍ଟାଚ୍ୟୁ କମିଟି ପକ୍ଷରୁ ଉପସଭାପତି ମାର୍ସଲ ଜାଞ୍ଜୁଲାନା, ଡା.ଏମ୍.ସୋରେନ,ଯୁଗ୍ମ .ସଂପାଦକ ମାର୍ସଲ ପୂର୍ତ୍ତି, ପି.ଏଲ୍.ନାୟକ, ମନୋଜଜନ ଜାଞ୍ଜୁଲାନା, ସୁନିଲ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ସୁଦାଷ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ବଳ୍କି, ବିପଦ ରାଉତରାୟ, ଅନିରୁଦ୍ଧ ଖାଇଁ, ଲକ୍ଷିର ଜୁଆଲ ପ୍ରମୁଖ ପୂର୍ତ୍ତ ସହଯୋଗ କରିଥିବେ । ଶେଷରେ ଶ୍ରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ମହାବିଦ୍ୟାଳୟ ପରିସରରେ ପ୍ରବୀଣ ରାଜନେତା ହୃଷୀକେଶ ରାୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ରାଉରକେଲା,୧୫/୧୧(ନି/ପ୍ର): ସମାଜ ପ୍ରତି ହୃଷୀକେଶ ରାୟଙ୍କ ଅବଦାନକୁ ସ୍ୱୀକୃତି ଦେଇ ରାଉରକେଲାର ଛେଣ୍ଡ ଜଲୋନୀ ସ୍ଥିତ ହୃଷୀକେଶ ରାୟ ମହାବିଦ୍ୟାଳୟରେ ଶନିବାର ବିନ ପ୍ରବୀଣ ରାଜନେତା ଏବଂ ସମାଜସେବୀ ସ୍ୱର୍ଗତ ହୃଷୀକେଶ ରାୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି।ଓଡ଼ିଶା ବିଧାନସଭା ର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଦ୍ୱାରା ଏହି ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଦୁର୍ଗା ଚରଣ ତନ୍ତୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଯୋଗ ଦେଇଥିଲେ। ଏଠାରେ ସୁରଣଯୋଗ୍ୟ ଯେ ୧୯୮୦ ଦଶକରେ ରାଉରକେଲା ଢେଣ୍ଡି ମାର୍କେଟ ଟାଉନ୍ ହାଲ୍‌ସ୍ଥଳ ପରିସରରେ 'ସିଟି ଜଲେଜ' ଭାବରେ ଏହି ଜଲେଜ ପ୍ରତିଷ୍ଠା ହୋଇଥିଲା । ପରବର୍ତ୍ତୀ ସମୟରେ, ରାଜ୍ୟସଭା ସାଂସଦ ବିଜୁୀ ରାୟଙ୍କ ପିତା ହୃଷୀକେଶ ରାୟଙ୍କ ସ୍ମୃତିରେ ଏହି ଅନୁଷ୍ଠାନକୁ ହୃଷୀକେଶ ରାୟ ଜଲେଜ ନାମକରଣ କରାଯିବା ସହିତ ଛେଣ୍ଡ ଜଲୋନୀକୁ ସ୍ଥାନାନ୍ତରିତ କରାଯାଇଥିଲା । ଜଲେଜ ପରିସରରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଉନ୍ମୋଚନ ସହିତ ଅନୁଷ୍ଠାନ ପକ୍ଷରୁ ତାଙ୍କର ସ୍ଥାୟୀ ଅବଦାନକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହା ନିଶ୍ଚିତ ଭାବେ ଯେ ତାଙ୍କ ସ୍ମୃତି ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ। ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁର ପୂର୍ବତନ ବିଧାୟକ ଶଙ୍କର ଓରାମଙ୍କ ସମେତ ଭାରତୀୟ ଜନତା ପାର୍ଟିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ସାମାଜିକ କର୍ମୀ ହରିହର ରାଉତରାୟ, ରାଜ୍ୟସଭା ସାଂସଦ ବିଜୟ ରାୟଙ୍କ ପ୍ରତିନିଧି ରଞ୍ଜିତ ନାୟକ, ସାଂସଦଙ୍କ ପ୍ରତିନିଧି ଜେଂଟଲ ପରିଡା, ଅବିନାଶ ପ୍ରଧାନ, ନୀରଜ ଚତୁର୍ବେଦୀ, ପ୍ରଭାସ ମହାନ୍ତି, ଜର୍ଜ ଆନନ୍ଦଙ୍କ ସମେତ ମିନତୀ ଦେବତା, ଅମିତାଭ ସାମଲ, ହୃଷୀକେଶ ରାୟ ମହାବିଦ୍ୟାଳୟର ଅଧକ୍ଷ ଓ ଅଧ୍ୟାପକଙ୍କ ସମେତ ଛାତ୍ରଛାତ୍ରୀମାନେଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ବିଦ୍ୟା ଷ୍ଟଡ଼ି ପଏଂଟ ଆନୁକୂଲ୍ୟରେ ଶିଶୁ ଦିବସ ପାଳିତ

'ଶିଶୁ ହସିଲେ ସମାଜ ହସିବ'



ରାଉରକେଲା,୧୫/୧୧(ନି/ପ୍ର): ସାରଜଗରାସ୍ଥିତ ସରୋଜ ଶିକ୍ଷାନୁଷ୍ଠାନ ବିଦ୍ୟାଷ୍ଟଡ଼ି ପଏଂଟ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ସରୋଜ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା କବି କୁଞ୍ଜବିହାରୀ ରାଉତ, ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଂଜନ ସେଠୀ,ସେକ୍ଟର ୧୯ଥାନା ଅଧିକାରୀ ବୈଦେହୀଶ ସାହୁ, ସମାଜସେବୀ ବିପଦ ବାଣ, ଅଫିସର ଫୋରମ ପୂର୍ବତନ ସଭାପତି ବିମଳ କୁମାର ବିଶି, ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ,ସାମାଜିକ କର୍ମୀ ସୁରେଶ ନାୟକ.ରୋଟାରୀ କ୍ଲବ ଅର୍ଦ୍ଦାନର ସଭାପତି ଦେବବ୍ରତ ନାୟକ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ମନୋରଂଜନ ବାଣ ଯୋଗ ଦେଇଥିଲେ । ଅତିଥି ଭାବେ ସମାଜସେବୀ ଶ୍ରଦ୍ଧା ଷଡଙ୍ଗୀ, ଡ.ବସନ୍ତ କୁମାର ବାସ,ସରୋଜ ବେହେରା (ବୁଢା) ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ତନ୍ତୀ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ,ଶିଶୁ ମାନେ ଦେଶର ସମ୍ପଦ । ତେଣୁ ଶିଶୁଙ୍କୁ ସର୍ବାଙ୍ଗିକ ବିକାଶ ପାଇଁ ଉପଯକ୍ତ ଯତ୍ନ ନିଆଗଲେ ଏକ ସମୃଦ୍ଧଶାଳୀ ରାଷ୍ଟ୍ର ଗଠନ ହୋଇପାରିବ ବୋଲି କହିଥିଲେ । ଏହି ଅବସରରେ ପୂର୍ବତ୍ତୁ ଆୟୋଜିତ ହୋଇଥିବା ଝୋଟି, ଡ୍ରଇଁ,ପ୍ରବନ୍ଧ, ରଙ୍ଗୋଲି, ମେହେନ୍ଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ମଂଚାସୀନ ଅତିଥିମାନେ ପୁରସ୍କୃତ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ତିତାର୍ଦ୍ଦକ ନୃତ୍ୟ ପରିବେଷଣ କରାଯାଇଥିଲା। ମଂଚ ପରିଚାଳନା ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକ କରିଥିବାବେଳେ ସନାତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହୁରୁଙ୍କ ଫଟୋଚିତ୍ରରେ ଅତିଥି ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସମଲେଶ୍ୱରୀ ମ୍ୟୁଜିକାଲ ଅର୍କେଷ୍ଟ୍ରା ପକ୍ଷରୁ ମଲୋଡ଼ି ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ର ଶେଖର ପୁନା,ଅଧ୍ୟାପକ ସୌମ୍ୟ ରଂଜନ ଜର ସମେତ ଅନୁଷ୍ଠାନର ଶିକ୍ଷକ,ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସେକ୍ଟର ୨୨କର୍ମଚାରୀ ଜଲ୍ୟାଣଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ।

ଅସ୍ତଗାମୀ ସୂର୍ଯ୍ୟଙ୍କୁ ପ୍ରଥମ ଅର୍ଘ୍ୟ ଅର୍ପଣ କେଲ ବ୍ରତଧାରୀ



ରାଉରକେଲା,୧୫/୧୧(ନି/ପ୍ର): ଛଟ ପୂଜା ଅବସରରେ ଛଟ୍ ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିଥିଲେ। ରବିବାର ସନ୍ଧ୍ୟାରେ, ବିଶ୍ୱାସର ମହାନ ପର୍ବ ସହିତ ଜଡିତ, ଛଟ ଭକ୍ତମାନେ ବିଭିନ୍ନ ଘାଟରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିଥିଲେ, ଏଥିପାଇଁ ରାଉରକେଲା ସହରର ସେକ୍ଟର-୧୬ ଡୁମକେଲା ଘାଟ, ହୁଦ ପାଣି ଆଦିତ୍ୟଘାଟ ରେଳ ଜଲୋନୀ ଚଣ୍ଡାଖ ଅଂଚଳ, ଅମରନାଥ ମନ୍ଦିର ନିକଟ ନଦୀ ଘାଟ, ବାଲୁଘାଟ, ବେଦବ୍ୟାସ ଚୌକ ଝିହଟୋଲା, ବେଦବ୍ୟାସ ରୁପ ଡୋଲାଘାଟ, ପାନପୋଷ ବସ୍ତିର ପୋକଲା ଘାଟ ଏବଂ ଅନ୍ୟାନ୍ୟ ଘାଟ ସମେତ ବିଭିନ୍ନ ଘାଟରେ ସମସ୍ତ ପ୍ରକାରର ସୁବିଧା କରାଯାଇଥିଲା। ଏହି କ୍ରମରେ, ସେକ୍ଟର-୧୬ ଡୁମକେଲା ଘାଟରେ ବିହାର ସଂସ୍କୃତି ପରିଷଦ ଦ୍ୱାରା ଛଟ୍ ଭକ୍ତଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ନଦୀ ଘାଟରେ ଓଡ଼ାଫ୍ ଟିମ୍ କର୍ମଚାରୀଙ୍କ ସହିତ ଅଗ୍ନିଶମ ବାହିନୀ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଥିଲା। ପୋଲିସ ପ୍ରଶାସନ ଦ୍ୱାରା କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।ସେହିପରି ଦାଦୁ ଘାଟରେ, ଦୃଢ ସଂଗଠନର ସଂଯୋଜକ କୃଷ୍ଣ ସାହୁଙ୍କ ଦ୍ୱାରା ଛଟ ଭକ୍ତଙ୍କ ପାଇଁ କ୍ଷୀର ଏବଂ ଅନ୍ୟାନ୍ୟ ପାନୀୟର ବ୍ୟବସ୍ଥା କରାଯାଇଥିଲା। ଆଜି ପ୍ରଥମ ଅର୍ଘ୍ୟ ଅର୍ପଣ ପାଇଁ ଘାଟଗୁଡ଼ିରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଛଟ୍ ବ୍ରତଧାରୀମାନେ ସୂର୍ଯ୍ୟ ଦେବଙ୍କୁ ପ୍ରାର୍ଥନା କରିବା ସହିତ ପୂଜା କରିଥିଲେ। ଏହିପରି ଭାବରେ ବିଭିନ୍ନ ଘାଟରେ ଛଟ୍‌ପୂଜା କରାଯାଇଥିଲା।

ଶିଶୁ ଦିବସରେ ଅଲୋଡ଼ା ଶିଶୁଙ୍କ ଦୁଃଖ କାହାଣୀ :

ଷ୍ଟେସନରେ କଟୁଛି ଜୀବନ !



ରାଉରକେଲା,୧୬/୧୧(ନି/ପ୍ର): ଆଜି ଶିଶୁ ବିବସ। ସରୁଠି ଶିଶୁଙ୍କ ହସ, ଖୁସି ଓ ଉତ୍ସବର ମାହୋଲ। ବିଦ୍ୟାଳୟରେ ପିଲାମାନଙ୍କ ପାଇଁ ନାନା କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ବେଳେ ସମାଜର ଅନ୍ୟ ଏକ ଚିତ୍ର ମଧ୍ୟ ଦେଖିବାକୁ ମିଳୁଛି। ରେଳ ଷ୍ଟେସନ ଓ ରାସ୍ତାକଡ଼ରେ ଅନେକ ଅସହାୟ, ଅନାଥ ଓ ଅବହେଳିତ ଶିଶୁଙ୍କ ଜୀବନ ଆଜି ମଧ୍ୟ ଅନ୍ଧକାର ମଧ୍ୟରେ ରହିଛି। କେତେକ ଶିଶୁ ଷ୍ଟେସନ ପରିସରରେ ଦିନ ଜାତୁଥିବା ବେଳେ ଆଉ କେତେକ ଖାଦ୍ୟ ଓ ଆଶ୍ରୟ ପାଇଁ ଏଣେତେଣେ ବୁଲୁଛନ୍ତି। ବିଛି ଶିଶୁ ନିଶାଦ୍ରବ୍ୟର ଜୁପ୍ରଭାବରେ ପଡ଼ି ନିଜର ଶୈଶବ ହରାଇଥିବା ଚିନ୍ତାଜନକ ବିଷୟ। ଯେଉଁ ବୟସରେ ସେମାନଙ୍କ ହାତରେ ବହି ଓ ଖେଳନା ରହିବା କଥା, ସେହି ବୟସରେ ସେମାନେ ଜୀବନର ସଂଘର୍ଷ ସହ ଲଢୁଛନ୍ତି। ଶିଶୁ ବିବସ କେବଳ ଉତ୍ସବ ପାଳନରେ ସୀମିତ ନ ରହି ଏହି ଅବହେଳିତ ଶିଶୁଙ୍କ ଜୀବନରେ ମଧ୍ୟ ଆଲୋକ ଆଣିବାର ସଂକଳ୍ପ ହେବା ଆବଶ୍ୟକ। ପ୍ରଶାସନ, ଶିଶୁ ସୁରକ୍ଷା ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଓ ସମାଜର ସଚେତନ ନାଗରିକମାନେ ଏକାଠି ହୋଇ ଏଭଳି ଶିଶୁଙ୍କୁ ଉଦ୍ଧାର, ଶିକ୍ଷା, ଚିକିତ୍ସା ଓ ନିରାପଦ ଆଶ୍ରୟ ଯୋଗାଇବା ଦିଗରେ ଆଗେଇ ଆସିବା ଜରୁରୀ।

ଆର.ଏସ୍.ପି ପକ୍ଷରୁ ପୁରସ୍କାର ବିତରଣୀ ଉତ୍ସବ ସହିତ ବିଶ୍ୱ ଗୁଣବତା ସପ୍ତାହ ୨୦୨୬ର ଉଦ୍‌ଯାପନ



ରାଉରକେଲା,୧୫/୧୧(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ୍.ପି) ପକ୍ଷରୁ ନଭେମ୍ବର ୧୩ ତାରିଖରେ ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ର ଠାରେ ଅନୁଷ୍ଠିତ ଏକ ପୁରସ୍କାର ବିତରଣୀ ଉତ୍ସବ ସହିତ ବିଶ୍ୱ ଗୁଣବତା ସପ୍ତାହ ୨୦୨୬ର ଉଦ୍‌ଯାପନ ହୋଇଥିଲା । ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବି. ଆର. ପଲାର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁଣବତା: ପାଖାପାଖି ପରଫରମାନ୍ସ ବିଷୟବସ୍ତୁ ଅଧୀନରେ ପୂର୍ବରୁ ଅନୁଷ୍ଠିତ କୁଇଜ୍ ଏବଂ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କ ସହିତ ଚଳିତ ବର୍ଷ ସର୍ବଶ୍ରେଷ୍ଠ ବିଭାଗ ଏବଂ ସର୍ବଶ୍ରେଷ୍ଠ ଆଭ୍ୟନ୍ତରୀଣ ମୁଖ୍ୟ ଅତିଥିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ପଲାର ଏକ ଏକୀକୃତ ଷ୍ଟିଲ୍ ପ୍ଲାଣ୍ଟ ପରିବେଶରେ ଉତ୍ପାଦନର ପ୍ରତିଟି ପର୍ଯ୍ୟାୟରେ